

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୬୮ ଭୁବନେଶ୍ୱର ରବିବାର, ମାର୍ଚ୍ଚ ୦୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.168 Bhubaneswar, Sunday, March 02, 2025

## ମାର୍ଚ୍ଚରୁ ମେ’ ଏଥର ଅଗ୍ନି ବର୍ଷିବ



ଭୁବନେଶ୍ୱର ,୧/୩: ଏବର୍ଷ ପୁଣି ଖରାରେ ଶିଝିବେ ରାଜ୍ୟବାସୀ। ୨୦୨୪ ପରେ କ୍ରମଗାତ ଦ୍ୱିତୀୟ ବର୍ଷରେ ରାଜ୍ୟରେ ସୃଷ୍ଟି ହେବ ଅସମ୍ଭାଳ ସ୍ଥିତି। ପ୍ରଚଣ୍ଡ ଗରମ ସାଙ୍ଗକୁ ଅନୁଭୂତ ହେବ ପ୍ରବଳ ଗୁଲୁଗୁଳି। କେବଳ ଦିନ ନୁହେଁ, ରାତିରେ ମଧ୍ୟ ତାତିର ତାଉ କମିବ ନାହିଁ। ଏହି ସ୍ଥିତି ମାର୍ଚ୍ଚରୁ ଆରମ୍ଭ ହୋଇ ମେ’ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପଟେ ସ୍ୱାଭାବିକ ତୁଳନାରେ ଅଧିକାଂଶ ସମୟରେ ତାପମାତ୍ରା ଅଧିକ ରହିବା ଯୋଗୁଁ ଏଥର ଗ୍ରୀଷ୍ମ ଲହରୀ ଦିନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଭଳି ଆକଳନ କରାଯିବା ପରେ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଗ୍ରୀଷ୍ମ ଋତୁ ସମ୍ପର୍କିତ ପୂର୍ବାନୁମାନ ନେଇ ଜାରି ରିପୋର୍ଟରେ ଦର୍ଶାଯାଇଛି ଯେ ଏବର୍ଷ ମାର୍ଚ୍ଚରୁ ମେ’ ପର୍ଯ୍ୟନ୍ତ ରାଜ୍ୟ ସମେତ ସାରା ଦେଶରେ ତାତି ଅଧିକ ରହିବ। ଉଭୟ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବ। ଏହା ପ୍ରଭାବରେ ଗ୍ରୀଷ୍ମଲହରୀ ଦିନ ସଂଖ୍ୟା ବୃଦ୍ଧି ହେବ। ଏମିତିକି, ମାର୍ଚ୍ଚରୁ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହେବ। ଯଦିଓ ରାଜ୍ୟରେ ମାର୍ଚ୍ଚ ମାସରେ କିଛି କିଛି ସ୍ଥାନରେ ବର୍ଷା ନେଇ ପୂର୍ବାନୁମାନ କରାଯାଉଛି, ମାତ୍ର ଏହା ଖରାକୁ ନିୟନ୍ତ୍ରଣ କରିବାରେ ଅକ୍ଷମ ହେବ। ଗତବର୍ଷ ରାଜ୍ୟରେ ପ୍ରବଳ ଖରା ଅନୁଭୂତ ହୋଇଥିଲା। ଏପ୍ରିଲ୍‌ରେ ଓଡ଼ିଶାରେ ଅନୁଭୂତ ହୋଇଥିବା ଗ୍ରୀଷ୍ମ ଲହରୀ ସଂଖ୍ୟା ସାରା ଦେଶରେ ଅଧିକ ରହିଥିଲା। ଏପ୍ରିଲ୍‌ରେ ଲଗାତାର ୧୯ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ଅନୁଭୂତ ହେବା ସହ ରାତିରେ ମଧ୍ୟ ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହୋଇଥିଲେ। ୨୦୨୪ରେ ୮ଟି ରାତି ଏମିତି ଥିଲା, ଯେଉଁ ସମୟରେ ରାତିର ସ୍ୱାଭାବିକ ତାପମାତ୍ରା ୬.୪ ଡିଗ୍ରୀରୁ ଅଧିକ ରହିଥିଲା। ଏହାକୁ ଅସହଜ ରାତି ଭାବେ ବିବେଚନା କରାଯାଇଛି। ବର୍ଷ ୨୦୨୫ରେ ରାଜ୍ୟରେ ପାଣିପାଗ ସ୍ଥିତି ଗତବର୍ଷ ତୁଳନାରେ ଅପେକ୍ଷାକୃତ ଭଲ ରହିବା ନେଇ ଆଶା କରାଯାଇଥିଲା। ମାତ୍ର ଏବେ ଆଇଏମଡିର ଏହି ଆକଳନ ପରେ ପୁଣିଥରେ ଖରାକୁ ନେଇ ଭୟ ସୃଷ୍ଟି କରିଛି। ଅନ୍ୟପଟେ ଶୁକ୍ରବାର ରାଜ୍ୟରେ ତାପମାତ୍ରା ୩୭ଡିଗ୍ରୀ ଛୁଇଁଥିବା ବେଳେ ଆଜି ୩୭ଡିଗ୍ରୀ ପାର କରିଯାଇଛି। ଗତ କାଲି ୨ଟା ୩୦ ସୁଦ୍ଧା ଝାରସୁଗୁଡାରେ ୩୬.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଆଜି ସମାନ ସମୟରେ ୩୭.୪ ଡିଗ୍ରୀ ରେକର୍ଡ ହୋଇଛି। ସେପଟେ ଆଜି ୨ଟା ୩୦ ସୁଦ୍ଧା ସମ୍ବଲପୁରରେ ୩୬.୮, ରାଉରକେଲାରେ ୩୬.୪, ଚାନ୍ଦବାଲିରେ ୩୪.୮,କେନ୍ଦୁଝରରେ ୩୪.୪ ଓ ଭୁବନେଶ୍ୱରରେ ୩୪ ଡିଗ୍ରୀ ରେକର୍ଡ ହୋଇଛି।

## ଗର୍ଜିଲେ ପିସିସି ସଭାପତି

### ରାଜ୍ୟରେ ମହିଳା ନିର୍ଯାତନାକୁ ନେଇ ସରକାରଙ୍କୁ ଟର୍ଗେଟ୍ କଲା କଂଗ୍ରେସ



ଭୁବନେଶ୍ୱର, ୧/୩: ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଜି ବିଶାଳ ପ୍ରଦର୍ଶନ କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଯିବାବେଳେ କଂଗ୍ରେସ କର୍ମୀଙ୍କ ସହିତ ପୁଲିସର ଧସ୍ତାଧସ୍ତି ହୋଇଛି। ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଇଥିବାରୁ ଏହାକୁ ବିରୋଧ କରି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ମହିଳା ସୁରକ୍ଷା ପାଇଁ ପ୍ରଥମେ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଯିବା ବେଳେ କଂଗ୍ରେସ କର୍ମୀ ଓ ପୁଲିସ ଧସ୍ତାଧସ୍ତି ହୋଇଛନ୍ତି। ବିଜେପି ସରକାର ଆସିବା ଦିନଠୁ ରାଜ୍ୟରେ ଏଯାଏଁ ୧୬୦୦ ମହିଳାଙ୍କ ଉପରେ ଅତ୍ୟାଚାର ହୋଇ ସାରିଲାଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ପ୍ରତିବାଦରେ ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଛାତ୍ର, ଯୁବ ଓ ମହିଳା କଂଗ୍ରେସ କର୍ମୀ ସାମିଲ ଥିଲେ। ବିଜେପି ସରକାର ଆସିବା ଦିନଠୁ ରାଜ୍ୟରେ ଏଯାଏଁ ୧୬୦୦ ମହିଳାଙ୍କ ଉପରେ ଅତ୍ୟାଚାର ହୋଇ ସାରିଲାଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ପ୍ରତିବାଦରେ କଂଗ୍ରେସ କର୍ମୀ ସାମିଲ ଥିଲେ। ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି, ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀମାନେ ଅସୁରକ୍ଷିତ ଅଛନ୍ତି। ଅଭିଭାବକମାନେ ଚିନ୍ତିତ ଅଛନ୍ତି। ସରକାର ଓ ପ୍ରଶାସନ ନୀରବ ରହିଛି। କିଟ୍‌ରେ ନେପାଳର ଇଂଜିନିୟରିଂ ଛାତ୍ରୀ ମୃତ୍ୟୁ, ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଓ ଯାଜପୁର ଜିଲ୍ଲା ବରୀରେ ଦଶମ ଶ୍ରେଣୀ ଛାତ୍ରୀ ମା’ ହେବା ଘଟଣାରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି କଂଗ୍ରେସର ନେତା ଓ କର୍ମୀ। ସୂଚନାଯୋଗ୍ୟ, ପିସିସି ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ ବିରୋଧରେ ଭକ୍ତ ଚରଣ ଦାସ ଗର୍ଜିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କୁ ନେଇ ସେ ରାଜରାସ୍ତାକୁ ଓହ୍ଲାଇବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ଜଙ୍ଗଲ ନିଆଁ ଚିହ୍ନଟ କରିବ ଏଆଇ କ୍ୟାମେରା

ଭୁବନେଶ୍ୱର, ୧/୩: ରାଜ୍ୟରେ ଜଙ୍ଗଲ ନିଆଁ ଉପରେ ନଜର ରଖିଛି ଅତ୍ୟାଧୁନିକ ଏଆଇ କ୍ୟାମେରା। ନିଆଁ ଲାଗିବା ମାତ୍ରେ ୩ ରୁ ୫ ମିନିଟ ମଧ୍ୟରେ ଖବର ପାଇବ ବନ ବିଭାଗ। ଖବର ପାଇବା ମାତ୍ରେ ତତ୍କାଳ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିବ। ଅତ୍ୟାଧୁନିକ ଏଆଇ କ୍ୟାମେରା ୨୦ କିଲୋମିଟର ଦୂରରୁ ସଠିକ ନିଆଁ ତଥ୍ୟ ଦେଇ ପାରିବ। ଶିମିଳିପାଳ ଜଙ୍ଗଲରେ ୫ଟି ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜା ଯାଇଥିବା ବେଳେ ସାତକୋଶିଆ, ଅନୁଗୁଳ ଢେଙ୍କାନାଳ ଜଙ୍ଗଲରେ ଆଉ ୬ଟି ଅତ୍ୟାଧୁନିକ ଇଓ କ୍ୟାମେରା ଲଗାଯିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ପୂର୍ବରୁ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ଦୁଇଟି ସାଟେଲାଇଟ୍ ମାଧ୍ୟମରେ ଦିନକୁ ୪ ଥର ଜଙ୍ଗଲ ନିଆଁ ଖବର ପଠାଉଥିଲେ। ନିଆଁ ଲାଗିବାର ୩ରୁ ୬ ଘଣ୍ଟା ମଧ୍ୟରେ ଖବର ମିଳୁଥିଲା। କିନ୍ତୁ ଅତ୍ୟାଧୁନିକ ଏଆଇ କ୍ୟାମେରାକୁ କେବଳ ୫ ମିନିଟ ସମୟ ଲାଗି । ଏଆଇ କ୍ୟାମେରା ପ୍ରାକୃତିକ ନିଆଁ ଓ କୃତ୍ରିମ ଲାଇଟ ମଧ୍ୟରେ ଥିବା ପ୍ରଭେଦକୁ ଜାଣି ପାରୁଥିବାରୁ ନିଆଁ ସମ୍ପର୍କିତ ବାସ୍ତବ ତଥ୍ୟ ବନ ବିଭାଗ ପାଇବ। ଏବେ ରାଜ୍ୟର ଜଙ୍ଗଲରେ ନିଆଁ ଅଳ୍ପ ଲାଗିବା ଆରମ୍ଭ ହୋଇଛି। ମାର୍ଚ୍ଚ ଓ ଏପ୍ରିଲରେ ଏହା ପିକ୍‌ରେ ପହଞ୍ଚିଥାଏ। ଫେବ୍ରୁଆରୀ ମାସ ସରି ମାର୍ଚ୍ଚ ମାସ ଆରମ୍ଭ ହେଲାଣି। ଏପଟେ ଜଙ୍ଗଲରେ ନିଆଁ ଲାଗିବା ମଧ୍ୟ ଆରମ୍ଭ ହୋଇଗଲାଣି। ଜଙ୍ଗଲ ନିଆଁ ଘଟଣାରେ ଭାରତ ବର୍ଷରେ ସବୁଠୁ ଉପରେ ରହିଥିଲା ଓଡିଶା। ହେଲେ ଜଙ୍ଗଲ ନିଆଁକୁ କିଭଳି ଭାବରେ ଆୟତ୍ତ କରାଯିବ ସେନେଇ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି । ୨୦୨୨ ମସିହାରେ ଜଙ୍ଗଲ ମଧ୍ୟରେ ୨୧ ହଜାର ୯୯୬ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୬,୪୫୯ ସ୍ଥାନରେ ନିଆଁ ଲାଗିଥିବା ତଥ୍ୟ ମିଳିଛି। ଏହା ସହ ୨୮,୭୫୫ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଥିବା ବେଳେ ୨୬,୩୪୮ ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା। ୨୦୨୩ ମସିହାରେ ଜଙ୍ଗଲ ମଧ୍ୟରେ ୨୯,୨୦୫ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୭,୫୦୮ ସ୍ଥାନରେ ନିଆଁ ଲାଗିଥିଲା ତଥ୍ୟ ଦିଆଯାଇଛି । ୨୦୨୩ରେ ନିଆଁକୁ ଆୟତ୍ତ କରିବା ୯୮.୯୩ ପ୍ରତିଶତ ରହିଥିବାବେଳେ ୯୫୫୦.୮୬ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି। ୨୦୨୪ ମସିହାରେ ଜଙ୍ଗଲ



ମଧ୍ୟରେ ୧୭,୦୧୪ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୫୮୫୪ ସ୍ଥାନରେ ନିଆଁ ଲାଗିଥିବା ତଥ୍ୟ ଦିଆଯାଇଛି। ୨୨,୮୬୮ ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୨୨,୮୩୭ ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁକୁ ଆୟତ୍ତ କରିବା ୯୯. ୮୬ ପ୍ରତିଶତ ରହିଥିବାବେଳେ ୪୦୬୭.୦୫ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି। ୨୦୨୫ ମସିହା ଫେବୃଆରୀ ୨୬ ତାରିଖ ସୁଦ୍ଧା ଜଙ୍ଗଲ ମଧ୍ୟରେ ୧୪୩୬ ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୧୩୭୭ ସ୍ଥାନରେ ନିଆଁ ଲାଗିଥିଛି। ୨୮୧୩ ସ୍ଥାନରେ ନିଆଁର ସନ୍ଧାନ ମିଳିଥିବାବେଳେ ୨୮୦୨ ସ୍ଥାନରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିଯୋଗୁଁ ୯୦୮.୬୬ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଛି । ଫେବୃଆରୀ ୨୮ ତାରିଖରେ ସାରା ଓଡିଶା ଜଙ୍ଗଲରେ ୧୭୪ ପଏଣ୍ଟ ରେ ନିଆଁ ଲାଗିଥିବା ବେଳେ ୧୨୭ ପଏଣ୍ଟରେ ଏହାକୁ ଆୟତ୍ତ କରାଯାଇଛି । ଏପଟେ ୪୭ ପଏଣ୍ଟରେ ନିଆଁକୁ ଆୟତ୍ତ କରାଯାଇପାରି ନାହିଁ । ୨୦୨୫ ଜାନୁଆରୀ ୧ ତାରିଖଠାରୁ ୨୬ ଫେବ୍ରୁଆରୀ ୨୦୨୫ ପର୍ଯ୍ୟନ୍ତ ୨୧୮୩ ପଏଣ୍ଟରେ ନିଆଁ ଲାଗିଛି। ଜଙ୍ଗଲ ନିଆଁ ପ୍ରଶମନ ପାଇଁ ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆକ୍ସନ ପ୍ଲାନ ତିଆରି ସରିଛି। ପୂର୍ବରୁ ଥିବା ୧୬ ହଜାର କିଲୋମିଟର ପୁରୁଣା ଫାୟାର ଲାଇନକୁ ସଜଡ଼ା ଯିବା ସହ ଆଉ ୧୫ ହଜାର କିଲୋମିଟର ନୂଆ ଫାୟାର ଲାଇନ ସୃଷ୍ଟି କରାଯାଇଛି। ୩୩୪ ଫାୟାର ଫାଇଟିଂ ସ୍କ୍ୱାଡ ନିୟୋଜନ କରାଯାଇଛି। ରିଅଲ ଟାଇମ୍ ଆଧାରରେ ନିଆଁ ଆଲର୍ଟ ପାଇଁ ବିଟ୍ ସ୍ତର ପର୍ଯ୍ୟନ୍ତ ୬ ହଜାର ୭୦୦ ମୋବାଇଲ ପଞ୍ଜୀକୃତ ହୋଇଛି। ମହୁଲ ଫୁଲ ସଂଗ୍ରହ ପାଇଁ ଅନେକ ସମୟରେ ଲୋକମାନେ ମହୁଲ ଗଛ ତଳେ ନିଆଁ ଲଗାଇ ଦେଉଥିବାରୁ ଏଥର ଅନେକ ସ୍ଥାନରେ ମହୁଲ ଗଛ ତଳେ ନେଟ୍ ଲଗାଯାଇଛି। ଯାହା ଫଳରେ କି ଲୋକମାନେ ନେଟରୁ ହିଁ ମହୁଲ ଫୁଲ ସଂଗ୍ରହ କରିବେ ଓ ନିଆଁ ଲଗାଇବେ ନାହିଁ ବୋଲି କହିଛନ୍ତି ପୂର୍ବତନ ପିସିସିଏଫ ଦେବୀଦତ୍ତ ବିଶ୍ୱାଳ। ଅପରପକ୍ଷେ ଚଳିତବର୍ଷ କୋରାପୁଟରେ ମଧ୍ୟ ବନାଗ୍ନି ରୋକିବା ଲାଗି ଅଗ୍ନି ନିରୋଧକ ମଞ୍ଚା ପ୍ରସ୍ତୁତ କରାଯାଇଛି। ପୋଡୁ ଚାଷରୁ ଦୂରେଇ ରହିବା ସହ ଜଙ୍ଗଲକୁ କିପରି ସୁରକ୍ଷା ଦେବା ସେନେଇ ବନାଞ୍ଚଳ ନିର୍ବାପକ ବାହିନୀ ଗଠନ କରାଯିବା ସହିତ ଏସଏଚଜି ମହିଳାମାନଙ୍କୁ ଏନେଇ ପ୍ରଶିକ୍ଷଣ ଦିଆଯାଉଛି । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ପ୍ରତି ୫ କିଲୋମିଟର ଭିତରେ ଅଗ୍ନି ନିରୋଧକ ମଞ୍ଚା’ନିର୍ମାଣ କରିଛି କୋରାପୁଟ ବନ ବିଭାଗ।

## ଗୁଳିବିନିମୟରେ ୨ ଜଣ ନକ୍ସଲଙ୍କ ମୃତ୍ୟୁ

ମାଲକାନଗିରି, ୧/୩: ମାଲକାନଗିରି ସୀମାନ୍ତ ଛତିଶଗଡ଼ର କିସ୍ଟରାମ ଅଂଚଳରେ ଆଜି ସକାଳେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଗୁଳିବିନିମୟ ଘଟିଛି।ଏହି ଗୁଳିବିନିମୟରେ ୨ ଜଣ ନକ୍ସଲଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆଜି ସକାଳେ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ପୁଲିସ ମଧ୍ୟ ପାଲଟା ଜବାବ ଦେଇଥିଲେ। ବର୍ତ୍ତମାନ ମଧ୍ୟ ଗୁଳିବିନିମୟ ଚାଲିଛି। ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପେରସନ କରୁଛନ୍ତି। ଯବାନ ଫେରିବା ପରେ ବିସ୍ତୃତ ରିପୋର୍ଟ ମିଳିବ ବୋଲି କୁହାଯାଇଛି।

## ଓଡ଼ିଶାକୁ ମାଡ଼ ହେବ ଆଷ୍ଟୋରଏଡ୍



ନୂଆଦିଲ୍ଲୀ, ୧/୩: ପୃଥିବୀ ଅଭିମୁଖେ ବଢୁଥିବା ‘ସିଟି କିଲର’ ଗ୍ରହାଣୁକୁ ନେଇ ସାରା ବିଶ୍ୱରେ ଚିନ୍ତା ପ୍ରକାଶ ପାଇଛି। ୨୦୨୪ ଡିସେମ୍ବରରେ ସନ୍ଧାନ କରାଯାଇଥିବା ଏହି ଗ୍ରହାଣୁ ‘ୱାଇଆର ୪’ ୨୦୩୨ ଡିସେମ୍ବରରେ ପୃଥିବୀ ସହ ମାଡ଼ ହେବାର ଆଶଙ୍କା ରହିଛି। ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର କିଛି କ୍ଷେତ୍ରରେ ଏହା ପଡ଼ିପାରେ ବୋଲି ଆମେରିକା ମହାକାଶ ଗବେଷଣା ପ୍ରତିଷ୍ଠାନ ନାସା ପକ୍ଷରୁ ଆକଳନ କରାଯାଇଛି। ଏହା ମଧ୍ୟରେ ଆଶ୍ୱସ୍ତିଜନକ ଖବର ଆସିଛି। ‘ୱାଇଆର ୪’ ପୃଥିବୀ ସହ ମାଡ଼ ହେବାର ସମ୍ଭାବନା ୩.୨ ପ୍ରତିଶତ ଥିବାବେଳେ ଏବେ ଏହା ଅଧିକ ହ୍ରାସ ପାଇଛି। ନାସାର ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଛି ଯେ ଏହି ଗ୍ରହାଣୁ ମାଡ଼ ହେବାର ବିପଦ ୦.୨୮ ପ୍ରତିଶତ ( ୩୫୭ରୁ ଏକ ଭାଗ) ହୋଇଯାଇଛି। ଅନ୍ୟପକ୍ଷରେ ଇଣ୍ଟରନ୍ୟାସନାଲ ‘ଆଷ୍ଟୋରଏଡ ୱାର୍ଣ୍ଣି ନେଟ୍‌ୱର୍କ’ ଏହି ଗ୍ରହାଣୁଠାରୁ ବର୍ତ୍ତିବାର ଉପାୟ ଖୋଜିବାରେ ଲାଗିଛି। ଏହା ପୂର୍ବରୁ ୨୦୨୨ରେ ନାସା ଏକ କ୍ଷେପଣାସ୍ତ୍ର ମାଡ଼ (ଡାର୍ଟ ମିଶନ) କରି ଏକ ଗ୍ରହାଣୁର ଗତିପଥକୁ ବଦଳାଇ ଦେଇଥିଲା। ଏହାକୁ ବ୍ରେକ୍-ଅପ୍ ମେଥଡ଼ କୁହାଯାଇଥିଲା। ତେଣୁ ସିଟି କିଲର ପାଇଁ ଏହି ପନ୍ଥା ଗ୍ରହଣ କରିବାକୁ ଯୋଜନା କରାଯାଉଛି। ଏହି ପ୍ରକ୍ରିୟାରେ ଗ୍ରହାଣୁର ମାଧ୍ୟାକର୍ଷଣ କ୍ଷମତା ଆକଳନ କରାଯାଇଥାଏ। ପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥାଏ। ତେବେ ଆସନ୍ତା ମାସ ଶେଷ ସୁଦ୍ଧା ଏହି ଗ୍ରହାଣୁ ବିଷୟରେ ଅଧିକ ତଥ୍ୟ ମିଳିବାର ସମ୍ଭାବନା ରହିଛି। ପରେ ଏହାଠାରୁ ସୃଷ୍ଟି ହେଉଥିବା ବିପଦର ଆକଳନ କରି ପରବର୍ତ୍ତୀ ପନ୍ଥା ଗ୍ରହଣ କରାଯିବ।

## ‘ତଳସ୍ତରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛି, ସମସ୍ତଙ୍କ ଦୁଃଖ ସୁଖ ଜାଣି ପାରୁଛି’

ରାଇରଙ୍ଗପୁର/ଖିଚିଂ, ୧/୩: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜଗସ୍ତ ଅବସରରେ ଖିଚିଂ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଶୁଭାରମ୍ଭ କରାଯାଉଛି। ଲକ୍ଷପତି ଦିଦି ଯୋଜନା, ସୁଭଦ୍ରା ଯୋଜନା ସମେତ ବହୁ ଯୋଜନା ଆରମ୍ଭ କରାଯାଇଛି। ସୁଭଦ୍ରା ଯୋଜନାରେ ଆଜି ସୁଦ୍ଧା ଏକ କୋଟି ମହିଳା ପଂଜୀକରଣ କରି ସାରିଲେଣି। ଆସନ୍ତା ୮ ତାରିଖ ଦିନ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହିତାଧିକାରୀମାନଙ୍କ ପାଖକୁ ଦ୍ୱିତୀୟ କିସ୍ତି ସୁଭଦ୍ରା ଯୋଜନା ଟଙ୍କା ଡିବିଟି ମାଧ୍ୟମରେ ଯିବ। ତାହା ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଜିଲ୍ଲା ବ୍ରହ୍ମପୁର ସମାରୋହରୁ ଶୁଭାରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରପଞ୍ଚ ଭଳି ତଳ ସ୍ତରରୁ ଆସି ଆଜି ମୁଖ୍ୟମନ୍ତ୍ରୀ ହୋଇଛି। ଏଣୁ ସମସ୍ତଙ୍କ ଦୁଃଖ ସୁଖ ଜାଣି ପାରୁଛି। ପୂର୍ବ ସରକାର ଯିଏକି ୨୪ ବର୍ଷ ଶାସନ କାଳରେ ଲୋକଙ୍କ କଥା ଚିନ୍ତା କରିନଥିବା ବେଳେ ଆଜି ମୋହନ ସରକାରଙ୍କ ୮ ମାସର ଶାସନର ହିସାବ ମାଗୁଛନ୍ତି। ସମସ୍ତେ ଜାଣନ୍ତି ମୋହନ ସରକାର ୮ ମାସ ମଧ୍ୟରେ ଜନତାଙ୍କ ପାଇଁ କ’ଣ କରିଛି। ଶୁକ୍ରବାର



ନିକଟସ୍ଥ ପାଣ୍ଡରଶୀଳ ଗ୍ରାମଠାରେ ଥିବା ଅସ୍ଥାୟୀ ହେଲିପ୍ୟାଡରେ ହେଲିକପ୍ଟର ଯୋଗେ ଅବତରଣ କରିଥିଲେ। ସେ କଡ଼ାସୁରକ୍ଷା ବଳୟରେ ଖିଚିଂ ମନ୍ଦିରରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ମା କିଚକେଶ୍ୱରୀ ମନ୍ଦିରରେ ମା’ଙ୍କୁ ପୂଜାର୍ଚ୍ଚନା କରିବା ସହ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକେ ଭିଡ଼ ଲଗାଇଥିଲେ। ପ୍ରଥମଥର ମୁଁ ବିଧାୟକ ହେବା ସମୟରେ ମା’ କିଚକେଶ୍ୱରୀଙ୍କ ପାଖକୁ ଆଶୀର୍ବାଦ ପାଇଁ ଆସି ସୌଭାଗ୍ୟ ଲାଭ କରିଥିଲି। ବର୍ତ୍ତମାନ ମଧ୍ୟ ମା’ଙ୍କ ଆଶୀର୍ବାଦରୁ ଲୋକଙ୍କୁ ସେବା କରିବାର ସୁଯୋଗ ପାଇଛି। ରାଜ୍ୟ ସରକାର ମା କିଚକେଶ୍ୱରୀଙ୍କ ମନ୍ଦିର ଉନ୍ନତି ଓ ସୋନ୍ଦର୍ଯ୍ୟ ପାଇଁ ପୂର୍ବରୁ ୫୨ କୋଟି ଏବଂ ବର୍ତ୍ତମାନ ୫୦ କୋଟି ସର୍ବମୋଟ ୧୦୨ କୋଟି ଏବଂ ଶିମିଳିପାଳର ଉନ୍ନତି ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରୁଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶରତ ଚନ୍ଦ୍ର ଦାସଙ୍କ ସମେତ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ବନ୍ଧରେ ନିଜ ବ୍ୟକ୍ତବ ରଖିଥିଲେ। ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ମନେ ପକାଇଥିଲେ। ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ୫୯ ପ୍ରତିଶତ ଆଦିବାସୀ ବାସ କରିଛନ୍ତି। ତାଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନାରେ ଉନ୍ନତି ମୂଳକ ଓ ଲାଭ ଦାୟକ ଯୋଜନା କରାଯାଉଛି। ଏହାବ୍ୟତୀତ ମୟୂରଭଞ୍ଜ ଜିଲ୍ଲାର ଛଉ ଓଡ଼ିଶା ସମେତ ବିଭିନ୍ନ ଦେଶ ବିଦେଶରେ ସୁନାମ କରୁଛି। ଆମ ସରକାର ଯାହା କହନ୍ତି ତାହା କରନ୍ତି।

## ଝୁରୁଛି ଜନ୍ମମାଟି, ଝୁରୁଛନ୍ତି ପ୍ରିୟଜନ



ବାରିପଦା, ୧/୩: ଲିଭର୍ ସିରୋସିସ୍ ସହ ଲଢ଼ି ଶେଷରେ ନିରବି ଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ମହାନାୟକ ଭଞ୍ଜମାଟିର କୁନିଆ ଦାଦା (ଉତ୍ତମ ମହାନ୍ତି)। ବାରିପଦା ସହରରୁ ଅଭିନୟର ଖଡ଼ିଛୁଆଁ ହୋଇଥିଲା ତାଙ୍କର। ବାରିପଦାରେ କଟିଥିଲା ପିଲାଦିନ ଓ ଆଦ୍ୟ ଯୁବାବସ୍ଥା। ହେଲେ ଆଜି ସେ ନାହାନ୍ତି ବୋଲି ଗୁମୁରି କାନ୍ଦୁଛି ବାରିପଦା ମାଟି। ସହରର ଯେଉଁ ଗଳିରେ ଘର, ଯେଉଁଠି କଟିଥିଲା ପିଲାଦିନ; ସେଠି ଆଜି ଛାଇଯାଇଛି ନିରବତା। ପିଲାବେଳର ସାଙ୍ଗସାଥୀ, ପରିବାର, ସମ୍ପର୍କୀୟ ସମସ୍ତ ଆଖିରେ କୁନିଆଙ୍କ ପାଇଁ ଲୁହ। କାରଣ ଉତ୍ତମ ଆଉ ଫେରିବେନି...ସାଙ୍ଗସାଥୀଙ୍କ ଖଟିରେ ନିଜକୁ ମୟୂରଭଞ୍ଜିଆ ବୋଲି କହି ଗର୍ବ କରିବେନି। ସଂସ୍କୃତିସମ୍ପନ୍ନ ସହର ବାରିପଦାରେ ଏକ କରଣ ପରିବାରରେ ଉତ୍ତମଙ୍କ ଜନ୍ମ। ବାପା ମା’ ନାଁ ଦେଇଥିଲେ ଉତ୍ତମ। ହେଲେ ସମସ୍ତେ ତାଙ୍କୁ ସ୍ନେହରେ ଡାକୁଥିଲେ କୁନିଆ। ବାରିପଦା ସହରର ଅଧେ ଲୋକଙ୍କ ପାଇଁ ସେ ଥିଲେ କୁନିଆ ଭାଇ ନ ହେଲେ କୁନିଆ ଦାଦା। ଏହି ସହର ଥିଲା ତାଙ୍କ ଅଭିନୟର ଷଠିଘର। ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲରେ ପାଠପଢ଼ା ବେଳେ ସ୍କୁଲର ଜଣେ ଶିକ୍ଷକଙ୍କ ପରାମର୍ଶରେ ପ୍ରଥମେ ଅଭିନୟ ଆରମ୍ଭ କରିଥିଲେ। ମାଟ୍ରିକ୍ ପରେ ଏମ୍‌ପିସି କଲେଜରେ ଶିକ୍ଷା ବେଳେ ସାଙ୍ଗସାଥୀଙ୍କ ସହ ମିଶି ବିଭିନ୍ନ ନାଟକରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ନାଟକ ଥିଲା ‘ରାଜହଂସ’। କଲେଜ ବେଳେ ଅଭିନୟକୁ କ୍ୟାରିୟର କରିବାକୁ ସେ କେବେ ଇଚ୍ଛା କରିନଥିଲେ। ହେଲେ ଘଟଣାଚକ୍ରରେ ୧୯୭୭ ମସିହାରେ ପ୍ରଥମ ସିନେମା ‘ଅଭିମାନ’ରେ ନାୟକ ଭୂମିକାରେ ବଡ଼ପରଦାରେ ପ୍ରଥମଥର ଦର୍ଶକଙ୍କ ସାମନାକୁ ଆସିଥିଲେ। ଆଉ ପ୍ରଥମ ପ୍ରୟାସରେ ହିଁ ସମସ୍ତଙ୍କ ମନରେ ଘର କରି ନେଇଥିଲେ ଉତ୍ତମ। ବାରିପଦାରେ ରହୁଥିବା ବଡ଼ଭାଇ ଅଶୋକ ମହାନ୍ତି କହନ୍ତି, ‘କୁନିଆ ଓ ମୁଁ ଏଇ ଘରେ ଜନ୍ମ ନେଇଥିଲୁ। ଏହି ଘରେ ତା’ର ଶୈଶବ କଟିଛି। ସେ ଚାଟାର୍ଡ ଆକାଉଣ୍ଟିଂ କରୁଥିଲା, ହେଲେ ଅଭିନୟ ତାକୁ ଟାଣି ଆଣିଲା। ବର୍ଷେ କେଇଟାରେ ତାର ଲୋକପ୍ରିୟତା ଶୀର୍ଷରେ ପହଞ୍ଚି ଯାଇଥିଲା ଓ କର୍ମମୟ ଜୀବନ ପାଇଁ ବାରିପଦା ଛାଡ଼ିବାକୁ ପଡ଼ିଲା। ଈର୍ଷଣୀୟ ସଫଳତା ସତ୍ତ୍ୱେ ନିଜ ଜନ୍ମମାଟି ବାରିପଦାକୁ ସେ ଭୁଲିନଥିଲା। ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମାଆ ଅମ୍ବିକା ଓ ଜନ୍ମଦାତ୍ରୀ ମା’ଙ୍କୁ ସେ ସବୁବେଳେ ଝୁରୁଥିଲା।’ପ୍ରଯୋଜକ ତଥା ଅଭିନେତା ଚିନ୍ମୟ ଦାସ ପଟ୍ଟନାୟକ କହିଛନ୍ତି, ‘ଓଡ଼ିଆ ସିନେମାକୁ ଆଗକୁ ନେବା ପାଇଁ ଯଦି କାହା ମନରେ ଟିକିଏ ସ୍ପୃହା ଥିଲା ସେ ଥିଲା କୁନିଆ। ନିଜ ପାରୁ ପର୍ଯ୍ୟନ୍ତ ଓଡ଼ିଆ ସିନେମାକୁ ସେ ଆଗକୁ ନେଇଛି। ସେ ଖାଲି ଯେ ଅଭିନୟରେ ମାହିର ଥିଲା ତାହା ନୁହେଁ, ସେ ସର୍ବଗୁଣା ହୋଇ ଜନ୍ମ ହୋଇଥିଲା।’ ବାଲ୍ୟବନ୍ଧୁ ବାସୁଦେବ ବେହେରା କହିଛନ୍ତି, ପିଲାଟି ଦିନରୁ କୁନିଆ ସହ ତାଙ୍କର ସମ୍ପର୍କ। ଗୋଟିଏ ସ୍କୁଲ ଓ କଲେଜରେ ପଢ଼ିଛୁ, ଏକାଠି ଅଭିନୟ କରିଛୁ। ଆଜି ଭଗବାନ କଠୋର ହୋଇ ଆମଠାରୁ ତାଙ୍କୁ ଛଡ଼ାଇ ନେଲେ। ନିଜ କଳା ପାଇଁ ସେ ସବୁଦିନ ମନେରହିବେ।

# ଦ୍ରୁତଗାମୀ ଲକ୍ଷ୍ୟରେ ଖୋର୍ଦ୍ଧା - ବଲାଙ୍ଗୀର ରେଳ ପଥ କାର୍ଯ୍ୟ

**■ଖୁବ ଶୀଘ୍ର ପୁରୁଣା କଟକ ଷ୍ଟେସନ ପର୍ଯ୍ୟନ୍ତ ମିଳିପାରେ ଗ୍ରୀନ ସିଗିନାଲ**

**■ଆଡ଼େନିଗଡ଼ ହେବ ଓଡିଶାର ସବୁଠାରୁ ବଡ଼ ଟନେଲ**



**ବୌଦ୍ଧ,୧/୩ (ନି.ପ୍ର):** ଆଉମାତ୍ର କିଛି ଦିନର ଅପେକ୍ଷା । ବୌଦ୍ଧ ଜିଲ୍ଲାର ପୁରୁଣାକଟକ ଷ୍ଟେସନକୁ ଗଡିବ ରେଳଗାଡି। ରେଳ ଧାରଣା ଓ ଷ୍ଟେସନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟ ପହଞ୍ଚି ଥିବା ବେଳେ ଖୁବଶୀଘ୍ର ହେବ ଷ୍ଟେସନ ଓ ରେଳପଥ ସୁରକ୍ଷା ବ୍ୟବସ୍ଥା ର ଯାଞ୍ଚ ପ୍ରକ୍ରିୟା । ଆଉ ୧୧୦ ସ୍ପୀଡ଼ ରେ ହେବ ପସେଞ୍ଜର ଟ୍ରେନ ର ସ୍ପିଡ ଟ୍ରାଏଲ ରନ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଅନ୍ୟପଟେ ଜିଲ୍ଲାରେ ରେଳପଥ ପାଇଁ ଚାଲିଛି ୪ ଟି ଟ୍ରନେଲ ନିର୍ମାଣ । ସେଥିମଧ୍ୟ ରୁ ପ୍ରଥମେ ଟରନେଲ ନମ୍ବର ୫ ରେ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏବେ ଟରନେଲ ଭିତରେ ଆରମ୍ଭ ହୋଇଛି ରେଳ ଧାରଣା ବିଛା କାର୍ଯ୍ୟ । ଧାରଣା ବିଛା ପରେ ଆରମ୍ଭ ହେବେ ବିଦ୍ୟୁତ ସଂଯୋଗୀ କରଣ କାମ ଆରମ୍ଭ ହେବ । ଯାହାକୁ ନେଇ ଏବେ ବୌଦ୍ଧବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳୁଛି । ଅତ୍ୟାଧୁନିକ ମେସିନ ସାହାଯ୍ୟ ରେ ଚାଲିଛି ଯାଞ୍ଚ । ଏପଟେ ପୁରୁଣାକଟକ ରେଳ ଷ୍ଟେସନ ନିର୍ମାଣ ମଧ୍ୟ ଶେଷ ପର୍ଯ୍ୟାୟରେ । ପ୍ରସ୍ତୁତ ହେଉଛି ଟିକେଟ କାଉଣ୍ଟର, ରିଲେ ରୁମ , ଷ୍ଟେସନ ମାଷ୍ଟର ରୁମ ,ସଗ୍ନାଲ ରୁମ, ଷ୍ଟାପ ରୁମ, ଓ ବ୍ୟାଟେରୀ ରୁମ । ଷ୍ଟେସନ ରେ ଯାତ୍ରୀଙ୍କ ସୁବିଧା ପାଇ ଫ୍ୟାନ ଓ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ କରାଯାଉଛି । ପୁରୁଣାକଟକ ଷ୍ଟେସନ ରେ ୩ଟି ରେଳଧାରଣା ରହିଥିବା ବେଳେ ଗୋଟିଏ ମେନ ଲାଇନ ଓ ଦୁଇଟି ଲୁପ ଲାଇନ ରହିଛି । ପୂର୍ବ ରୁ ବୌଦ୍ଧ ଜିଲ୍ଲାର ପୁରୁଣାକଟକ ଷ୍ଟେସନକୁ ପରୀକ୍ଷା ମୂଳକ ଭାବେପୂର୍ବରୁ ଡିଜେଲ ରେଳ ଇଞ୍ଜିନ ରୋଲିଙ୍ଗ ସଫଳ ହୋଇଥିଲା । କିଛି ମାସ ତଳେ ପୂର୍ବତଟ ରେଳବାଇ ପକ୍ଷରୁ ବୌଦ୍ଧ ଷ୍ଟେସନ ର ସଫଳତାର ସହ CRS ସରିଥିବା ବେଳେ ଏବେ ପୁରୁଣାକଟକ ଷ୍ଟେସନ ର ହେବାକୁ ଯାଉଛି CSR । ପୂର୍ବତଟ ରେଳବାଇ ବିଭାଗର CRS (କମିସନର ଅଫ ସେପ୍ଟି) ପକ୍ଷରୁ ସେପ୍ଟି କମିଶନର ଆସି ରେଳଧାରଣା , ବ୍ରିଜ, ଷ୍ଟେସନ ର ସମସ୍ତ ସୁରକ୍ଷାବ୍ୟବସ୍ଥା ଯାଞ୍ଚ କରିବେ । କମିଶନର OK ରିପୋର୍ଟ ପ୍ରଦାନ କରିବା ପରେ ପୁରୁଣାକଟକ ଷ୍ଟେସନ ରୁ ବଲାଙ୍ଗୀର ପଟକୁ ଘଣ୍ଟା ପ୍ରତି 110Km/H ବେଗରେ ରେଳ ଟ୍ରାକ ରେ ଗଡିବ ରେଳଗାଡି । ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପ୍ରକ୍ରିୟା ରେ ସଫଳତା ପାଇଁ ପୁରୁଣାକଟକ ଷ୍ଟେସନ କୁ ଶେଷ ସ୍ୱର୍ଶ ଦେଉଛନ୍ତି ଶ୍ରମିକ ଓ ଇଞ୍ଜିନିୟର । ସେପଟେ ସରିଛି ଟରନେଲ ୫ ନିର୍ମାଣ କାର୍ଯ୍ୟ । ଏବେ କଙ୍କରିଟ କାମ ଶେଷ ହେବା ପରେ ଆରମ୍ଭ ହୋଇଛି ଟରନେଲ-୫ ମଧ୍ୟରେ ରେଳ ଧାରଣା ବିଛା କାର୍ଯ୍ୟ । ବଡ ବଡ ମେସିନ ଓ ଶ୍ରମିକ ଙ୍କ ସାହାଯ୍ୟରେ ଟରନେଲ ମଧ୍ୟରେ ରେଳ ଧାରଣା ବିଛା ହେଉଛି । ଖୋର୍ଦ୍ଧା ପଟକୁ ବୌଦ୍ଧକୁ ରେଳ ଆସିବା ପାଇଁ ବୌଦ୍ଧ ଜିଲ୍ଲାରେ ନିର୍ମାଣ ଚାଲିଛି ବଡ ବଡ ଟରନେଲ । ବୌଦ୍ଧ ରୁ ଦଶପଲ୍ଲା ପର୍ଯ୍ୟନ୍ତ ନିର୍ମାଣ ହେଉଛି ମୋଟ ୭ଟି ଟରନେଲ । ବୌଦ୍ଧ ଜିଲ୍ଲାରେ ୪ ଟି ଓ ନୟାଗଡ଼ ଜିଲ୍ଲାରେ ୩ଟି ଟରନେଲ ନିର୍ମାଣ ଚାଲିଛି । ଯାହାର ନିର୍ମାଣ ରେ ଲାଗିପଡିଛନ୍ତି ଠିକାସଂସ୍ଥା । ବୌଦ୍ଧ ଜିଲା ର ଆଡ଼ଣିଗଡ ଠାରେ ତିଆରିହେବ ଓଡିଶାର ବଡ଼ ଟରନେଲ । ଏହା ୪ନମ୍ବର ଟରନେଲ ହୋଇଥିବା ବେଳେ ଏହାର ଦୂରତା ୪.୧୮୫କିମି ରହିଛି । ସେହିଭଳି ମାର୍ଦ୍ଦିଙ୍ଗ ଗ୍ରାମରେ ନିର୍ମାଣ ହେଉଛି ୨ଟି ଟରନେଲ । ଗୋଟେ ୫ନମ୍ବର ଟରନେଲ ଯାହାର ଦୂରତା ୦.୩୧୭କିମି ରହିଥିବା ବେଳେ ଅନ୍ୟଟି ୬ନମ୍ବର ଟରନେଲ ଯାହାର ଦୂରତା ରହିଛି ୦.୩୧୫କିମି । ଅନ୍ୟପଟେ ୨୩-ମାଇଲ ସ୍ଥିତ ୭ନମ୍ବର ଟ୍ରନେଲର ଉଭୟ ପଟୁ କୁ ଫିଟିଛି ବାଟ ଯାହା ଦୂରତା ୧.୯୭୫ କିମି ରହିଛି । ପ୍ରଥମେ ଟରନେଲ ୫ ର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଆରମ୍ଭ ହୋଇଛି ରେଳ ଧାରଣା ବିଛା କାର୍ଯ୍ୟ । ସମସ୍ତ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରି ଇଞ୍ଜିନିୟର ଓ ଶ୍ରମିକମାନେ କାର୍ଯ୍ୟ କୁ ଆଗେଇ ନେଉଥିବା ଦେଖିବାକୁ ମିଳିଛି ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ବିଧାୟକ



**ବେଗୁନିଆପଡା, ୧/୩ (ନି.ପ୍ର):** ବେଗୁନିଆପଡା ବ୍ଲକ ପରିସରରେ ନୂତନ ଭତ୍ତା ଓ ଟ୍ରାଇ ସାଇକେଲ ହିତାଧିକାରୀଙ୍କୁ ପ୍ରଦାନ କରିଛନ୍ତି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ । ଏହି ବ୍ଲକରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ୩୩୭ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ସାତ ଜଣ ଦିବ୍ୟାଙ୍ଗ ହିତାଧିକାରୀ ଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରିଛନ୍ତି । ଏଥିରେ ବିଧାୟକ ଯୋଗଦେଇ ଦଳମତ ନିର୍ବିଶେଷରେ ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା ସହ ସମସ୍ତ ଜନପ୍ରତିନିଧି ସହଯୋଗ କରିବା ପାଇଁ କହିଥିଲେ ।ଆଗାମୀ ଦିନରେ ବଂଚିତ ଥିବା ସମସ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ଚେଷ୍ଟା କରାଯିବ ବୋଲି ବିଧାୟକ କହିଥିଲେ । ବିଡ଼ିଓ ସସ୍ମିତା ଶତପଥି, ବ୍ଲକ ଉପାଧକ୍ଷ ସୁଧାକର ପ୍ରଧାନ ଏ୍ ଡି ଓ ନିରଞ୍ଜନ ବେହେରା, ଏସ ଏସ ଓ ଦୁର୍ଗା ପ୍ରସାଦ ପଣ୍ଡା ଉପସ୍ଥିତ ରହିଥିଲେ । ଯୋଗ୍ୟ ହିତାଧିକାରୀ ମାନେ ଉପସ୍ଥିତ ରହି କାର୍ଡ ଗ୍ରହଣ କରିବା ସହ ଉତ୍ସାହ ପ୍ରକାଶ କରିଥିଲେ ।

## ପଞ୍ଚ ଦିବସୀୟ ସାଙ୍କେତିକ ଭାଷା ତାଲିମ ଶିବିର

**ବସ୍ତା,୧/୩ (ନି.ପ୍ର):**ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତ ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟରେ ପଞ୍ଚ ଦିବସୀୟ ସାଙ୍କେତିକ ଭାଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି । ଆଶାର ପ୍ରତିଷ୍ଠାତା ଓ ସମ୍ପାଦକ ଯୁବ ସମାଜସେବୀ ଅମର କୁମାର ପାଳ ପୌରହିତ୍ୟ କରିବା ସହିତ ସହ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀ ପାଳ ସାଂକେତିକ ଭାଷା ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଶିବିରରେ ଏଡ୍ଭିଜେଏନଆଇଏସଏଚଡି,ଜାଁଳା, ଭୁବନେଶ୍ୱରର ସାଙ୍କେତିକ ଭାଷାର ପ୍ରଶିକ୍ଷକ ଆଦର୍ଶ କୁମାର ଗୁପ୍ତା, ସସ୍ମିତା ସୁବୁଦ୍ଧି ଏବଂ ମଞ୍ଜରି ମଣ୍ଡଳ ପ୍ରଶିକ୍ଷଣ ଦେଇଥିଲେ କ୍ଷ ଏଥିରେ ବିଦ୍ୟା ଳୟର ସମସ୍ତ କର୍ମଚାରୀ, ଆଶାର ସଂଗଠନର ଅନ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗ ଦେଇ ତାଲିମ ପାଇଥିଲେ ।

---

# ନାଲିବତୀ ବୁଲିବାରେ ବ୍ୟସ୍ତ: ସୁରକ୍ଷା ପାଉନାହାଁନ୍ତି ଲୋକେ

**ବସ୍ତା ୧/୩ (ନି.ପ୍ର):** ଆଇନ ଶୃଙ୍ଖଳା ରକ୍ଷା,ଅପରାଧ ନିୟନ୍ତ୍ରଣ ଏବଂ ସାଧାରଣ ଜନତାଙ୍କ ଧନଜୀବନର ସୁରକ୍ଷା ହେଉଛି ପୋଲିସର ପ୍ରାଥମିକ କର୍ତ୍ତବ୍ୟ ।ପୋଲିସ ବିଭାଗକୁ ଏକ ଭରସାଯୋଗ୍ୟ ବିଭାଗ ବୋଲି ଜନସାଧାରଣଙ୍କ ମନେ କରୁଥିଲେ ।ହେଲେ ବସ୍ତା ଥାନା ଅଞ୍ଚଳରେ ପୋଲିସ ସୁରକ୍ଷା ରୁ ବଞ୍ଚିତ ହୋଇ ଚୋରି ଡକାୟତି ଓ ଲୁଟେରାଙ୍କ ଶିକାର ହେଉଛନ୍ତି ଜନସାଧାରଣ । ସୂଚନା ଥାଉ କି ଯେ,ଗତ କିଛି ଦିନ ତଳେ ତିନି ଦୁର୍ବୃତ୍ତ ଏକ ବାଇକ ଯୋଗେ ଅମର୍ଦାରୋଡ ବଜାରରେ ଥିବା ଏକ ବ୍ୟବସାୟୀ ଦୋକାନରେ ଜୋରଜବ ରଦସ୍ତ ପଶି ଟଙ୍କା ଓ ଜରୁରୀ କାଗଜ ପତ୍ର ଜୋରଜବର ଦସ୍ତ ଛଡାଇ ନେଇ ପଳାଇବା ଏବଂ ସେହିପରି ସୋମବାର ଭୋର ପ୍ରାୟ ୫ ଘଟିକା ସମୟରେ ମୟୂରଭଞ୍ଜ ଆଡୁ ଏକ କାର ଯୋଗେ ୫ ଦୁର୍ବୃତ୍ତ ମାନେ ଆସି ଜୋର ଜବରଦସ୍ତ ଛେଳି ବୋଝେଇ ଗାଡ଼ି ଲୁଟି ନେବା ଓ ଗତ କିଛିଦିନ ହେବ ଚୋରି ଉପଦ୍ରବ ବୃଦ୍ଧି ପାଉଥିବାରୁ ସାଧାରଣରେ ଚର୍ଚ୍ଚା ବିଷୟବସ୍ତୁ ପାଲଟିଛି । ଜାତୀୟ ରାଜପଥ ପୋଲିସ ୨୪ ଘଣ୍ଟା ଜାତୀୟ ରାଜପଥରେ ପେଟ୍ରୋଲିଂ ପାଇଁ ନିୟୋଜିତ ଥିଲେ ହେଁ ଚୋରମାନେ ନିର୍ଭୟରେ ଚୋରି କରିବାରେ କିପରି ସଫଳ ହେଉଛନ୍ତି ବୋଲି ଆଜିର ଚର୍ଚ୍ଚା ବିଷୟ ବସ୍ତୁ ପାଲଟିଛି ।ତେବେ ପୋଲିସ ନାକ ନିଶ ତଳୁ ଚୋରି କରି ନେବା ସତରେ ଦୁଃଖ ଓ ପରିତାପର ବିଷୟ ।ସେହିପରି ଗତ କିଛି ଦିନ ହେବ ବିଭିନ୍ନ ଛକରୁ,ବଜାରର,ଜାତୀୟ ରାଜପଥରୁ ଓ ଗାଁଗହଳିରୁ ଚୋରି,ଡକାୟତି ସାଙ୍ଗକୁ ଲୁଟରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ଏବଂ ଚୋରମାନଙ୍କ ପୋଲିସ ଟେର ନପାଇବା ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।ତେବେ ଜାତୀୟ ରାଜପଥରେ ନାଲି ବତୀ ଗାଡ଼ି ବୁଲିବାରେ ବ୍ୟସ୍ତ ଥିଲେ ହେଁ ସୁରକ୍ଷା ପାଉନାହାଁ ନ୍ତି ଲୋକେ ।ବାରମ୍ବାର ଚୋରି ଉପଦ୍ରବ ବୃଦ୍ଧି ପାଉଥିବାରୁ ଏବଂ ଚୋର ଧରିବାରେ ପୋଲିସ ବିଫଳ ହେଉ ଥିବାରୁ ଦିନକୁଦିନ ଲୋକଙ୍କ ପୋଲିସ ଉପରୁ ଭରସା ତୁଟିବାରେ ଲାଗିଛି ।ପୋଲିସ କାର୍ଯ୍ୟକଳାପ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରୁଛି ବୋଲି ସାଧାରଣରେ ଆଲୋଚନାର ଜଣାପଡୁଛି । ଜିଲ୍ଲା ପୋଲିସ ଓ ବସ୍ତା ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଭୂତଳ ଜଳ ବ୍ୟବହାର କରୁଛି ଜଟିଆ ଷ୍ଟିଲ: ପ୍ରଶାସନ ନିଦ୍ରାବିଷ୍ଟ ସାଜିଛନ୍ତି



**କଳିଙ୍ଗନଗର ୧/୩ (ନି.ପ୍ର):** କଳିଙ୍ଗନଗର ରେ ଥିବା ଶିଳ୍ପ ସଂସ୍ଥା ମାନଙ୍କ ଉପରେ ପ୍ରସାଶନିକ ଅଧିକାରୀ ଙ୍କ କୌଣସି କତୃତ ନାହିଁ । ଶିଳ୍ପ ସଂସ୍ଥା ମାନେ ମନଇଛା କାର୍ଯ୍ୟ କରୁଥିବା ଯୋଗୁଁ ଆଜି କଳିଙ୍ଗନଗର ରେ ଥିବା ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ଆଡକୁ ଗତି କରୁଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷିରେ ଜଟିଆ ଷ୍ଟିଲ କଳିଙ୍ଗନଗର ରେ ସବା ଆଗରେ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଜଟିଆ ଷ୍ଟିଲ ର କଳା କାରନାମା ଗୋଟିଏ ପରେ ଗୋଟିଏ ବାହାରକୁ ଆସୁଥିବାର ଦେଖିବାକୁ ମିଳିଛି । ପୂର୍ବରୁ ଥିବା ସରକାର ଙ୍କ ସମୟରେ ମନଇଛା ଦୁର୍ନୀତି କରୁଥିବା ଦେଖିବାକୁ ମିଳିଛି । ସରକାରୀ ନିୟମର ଧଜିଆ ଉଠାଉଛନ୍ତି ।ମରୋମ ମାଫିଆ ଙ୍କ ସହିତ ବନ୍ଧୁତା କରିବା ପରେ ବହୁ ମାତ୍ରାରେ ମରୋମ ଚୋରି ହୋଇଥିବା କଥା ଏବେ ଆଲୋଚନାର ବିଷୟ ପାଲଟିଛି । ଠିକ୍ ସେହିପରି ସରକାରୀ ନିୟମର ଧଜିଆ ଉଡାଇ ଗୋଟିଏ ନଳକୂପ ଖନନ ପାଇଁ ଅନୁମତି ମିଳୁଥିଲା ମାତ୍ର ତିନୋଟି ନଳକୂପ ଖନନ କରିଛନ୍ତି । ତାହା ମଧ୍ୟ ରୁ ବର୍ତ୍ତମାନ ଦୁଇଟି ନଳକୂପ ରୁ ସମ୍ପୁର୍ଣ୍ଣ କାରଖାନା କୁ ପାଣି ଯୋଗାଇବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଥିବା ଜଳସ୍ତର ହ୍ରାସ ପାଉଥିବାରୁ ଆଗକୁ ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କୁ ଜଳ କଷ୍ଟ ଭୋଗିବା ପାଇଁ ପଡ଼ିବ ବୋଲି ସାଧାରଣରେ ଅଭିଯୋଗ ହେଉଛି । ମାତ୍ର ଜଟିଆ ଷ୍ଟିଲ ସାଧାରଣ ଲୋକଙ୍କ ଜୀବନ କୁ ଅଲୋଡା ଭାବି ମନଇଛା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଯାହା କୁ ନେଇ ସ୍ଥାନୀୟ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରା ସୋଇଥିବାରୁ ଏପରି ସ୍ଥିତି ଉପୁଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଲଘୁ ଖଣିଜ ବିଭାଗ ନିରବ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିରବ ଓ ନଳକୂପ ଖୋଳିବାକୁ ଆଦେଶ ଦେଇଥିବା ବିଭାଗ ମଧ୍ୟ ନିରବ ଦ୍ରଷ୍ଟା ସାଜିଥିବା ଯୋଗୁଁ ଚିନ୍ତାରେ ସାଧାରଣ ଲୋକ ଯାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଥିବା ରାଜନେତା ଖୁବ୍ ଶୀଘ୍ର ଏହା ବିରୁଦ୍ଧରେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପାଇଁ ପତ୍ର ଲେଖିବା ପାଇଁ ସୂଚନା ମିଳିଛି ।

# ୧୬ ବର୍ଷୀୟ ନାବାଳିକା ଗର୍ଭବତୀ ହେବା ଘଟଣାରେ ଗିରଫ ହୋଇ ଜେଲ ଗଲେ ଯୁବକ



**ମାଲକାନଗିରି,୧/୩ (ନି.ପ୍ର):**ଜଣେ ୧୬ ବର୍ଷୀୟ ନାବାଳିକାର ସରଳତାର ସୁଯୋଗ ନେଇ ତାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଗଲେ ଜଣେ ଯୁବକ । ତେବେ ଏହି ଘଟଣାରେ ଗିରଫ ହୋଇଥିବା ଯୁବକ ଜଣକ ହେଉଛନ୍ତି ମାଲକାନଗିରି ଥାନା ଅନ୍ତର୍ଗତ ନୂଆଗୁଡା ଗ୍ରାମର ଅମନ କାଛିମ ବୋଲି ଜଣା ପଡିଛି । ତେବେ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଥାନାରେ -୫୪/୨୫ ରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଅମନ ନାମକ ଯୁବକଙ୍କୁ ଗିରଫ କରି ପ୍ରଥମେ ତାଙ୍କର ଡାକ୍ତରୀ ମାଇନା କରିବା ପରେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି । ମାଜିଷ୍ଟ୍ରେଟଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ପରେ ତାଙ୍କୁ ଚାଇଲଡ ଲାଇନଙ୍କ ନିକଟରେ ହାଜର କରାଯିବ ବୋଲି ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ସୋରଡାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



**ସୋରଡା ୧/୩ (ନି.ପ୍ର):** ରାଜ୍ୟ ସରକାର ନିର୍ଦ୍ଦେଶିତ ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ୍ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଏକ ମହିଳା ମାନଙ୍କ ସମାଜରେ ଆଇନଗତ ଅଧିକାର, ସୁରକ୍ଷା ଓ ସଚେତନତା ସମ୍ୱଳିତ ବ୍ଲକ୍ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପଞ୍ଚାନନ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାମୁଖ୍ୟ ମହିଳା ଶିଶୁ ବିକାଶ ଅଧିକାରୀ ଡ଼ି ନାଗରତ୍ନମ, ସୋରଡ଼ା ମହିଳା ଓ ଶିଶୁ ବିକାଶ ଅଧିକାରୀ ସବିତା ସାବତ, ଏନ୍ଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ଗୋପାଳପୁର ଶାସନ ପଂଚାୟତ ସରପଞ୍ଚ ତଥା ସୋରଡା ବିଧାୟକ ପ୍ରତିନିଧି ଦେବରାଜ ମଲ୍ଲିକ, ସୋରଡ଼ା ସ୍ୱାସ୍ଥ୍ୟ ସଚେତନ ଅଧିକାରୀ ଡ଼ଃ ଅଜିତ କୁମାର ପାଣିଗ୍ରାହୀ,ଗ, ସୋରଡ଼ା ଏନ ଏ ସି ଅଧକ୍ଷ ଶ୍ରି ଶଙ୍କର ପଣ୍ଡା, ଗୋଛା ପଂଚାୟତ ସରପଞ୍ଚ ତ୍ରିଲୋଚନ ସାହୁ, ଜିଲ୍ଲା ପରିଷଦ ରାମ ଶବର,ଉପଖଣ୍ଡ ସ୍ତରୀୟ ସମାଜ ମଙ୍ଗଳ ଅଧିକାରୀ ଆସିଓ ଶବର, ଆଇ ଏସ୍ଆର୍ ଡି ର ବ୍ରହ୍ମପୁର ସଖି କର୍ମଚାରୀ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ଦଳବେହେରା ଆଦି ମଞ୍ଚାସିନ ରହିଥିଲେ । ବ୍ଲକ ସି ଡ଼ି ପି ଓ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜରେ ନିର୍ଯାତିତ ହେଉଥିବା ମହିଳା ଓ ବାଳିକା ମାନଙ୍କ ସମସ୍ୟା ସମାଧାନ ବିଷୟରେ ମଞ୍ଚାସିନ ଅଧିକାରୀ ମାନେ ଆଲୋକପାତ କରିଥିବା ବେଳେ ସେମାନଙ୍କ ଉପରେ ହେଉଥିବା ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପ କିପରି ଦୁରୀକରଣ ହୋଇପାରିବ ସେ ସମ୍ପର୍କରେ ବିବୃତି ଦେଇଥିଲେ । ସମାଜରେ ବାଳିକା ମାନଙ୍କ ପକ୍ଷରେ ଘଟୁଥିବା ପାରିବାରିକ ହିଂସା, ବଳାତ୍କାର, ବାଲ୍ୟ ବିବାହ ଓ ଅନ୍ୟାନ୍ୟ ନକାରାତ୍ମକ କାର୍ଯ୍ୟ ବିଷୟ ରେ ମଧ୍ୟ ଆଲୋଚନା ହୋଇଥିଲା । ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ମହିଳା ଏବଂ ଶିଶୁ ମାନଙ୍କ ଉପରେ ସରକାରଙ୍କ ସାମୁହିକ ଯୋଜନା ଯଥା ଅଦ୍ୱିକା, ମୋ ଗେହ୍ଲା ଝିଅ, ବିଜୁ କନ୍ୟା ରତ୍ନ, ବେଟୀ ବଚାଅ ବେଟୀ ପଢ଼ାଅ,ମମତା ,ମାତୃ ବନ୍ଦନ ଯୋଜନା ସମ୍ପର୍କରେ ବୁଝାଇଥିଲେ ।ଏହି ବ୍ଲକରେ କାର୍ଯ୍ୟରତ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀଙ୍କ ସହ କିଶୋରୀ ବାଳିକା ଆଦି ଯୋଗ ଦେଇଥିବା ବେଳେ ସୋରଡ଼ାର ମହିଳା ଆଇନଜୀବୀ ଶ୍ରାବଣୀ ଦାସ ଓ ଜିଲ୍ଲା ସ୍ତରର ବିଶେଷଜ୍ଞ ଦାଶରଥି ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷିତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନସୁବିଧା ଓ ନ୍ୟାୟିକ ପ୍ରାବଧାନ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ।ମମତା ସଂଯୋଜକ କାହ୍ନୁଚରଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ଘୁମୁରା ର ତାଳେ ତାଳେ ଦୋହଲିବ ମା ଲଙ୍କେଶ୍ୱରୀ ମଞ୍ଚ

**ଜୁନାଗଡ଼ ୧/୩ (ନି.ପ୍ର):** ଐତିହାସିକ ସହର ଜୁନାଗଡ଼ ।କଳାହାଣ୍ଡି ଗଡଜାତ ଶାସନର ପୂର୍ବତନ ରାଜଧାନୀ ଜୁନାଗଡ଼ ହଜାରେ ବର୍ଷ ପୁରୁଣା ସହର ।ମନ୍ଦିର ମାଳିନୀ ଏହି ସହରର ଅନେକ କିମ୍ବଦନ୍ତୀ ଐତିହାସିକ ଖୋରକର ସମୃଦ୍ଧ ପେଣ୍ଠସ୍ଥଳୀ ।ଏହି ସହରର ଅଧିଷ୍ଠାତ୍ରୀ ଦେବୀ ମା ଲଙ୍କେଶ୍ୱରୀଙ୍କ ମନ୍ଦିର ସହିତ ସହରରେ ଐତିହାସିକ ଦଧିବାମନ ମନ୍ଦିର, ପୋଡା ମହାଦେବ, ସୋମେଶ୍ୱର ମହାଦେବ, ଠାକୁରାଣୀ ମନ୍ଦିର, ଭୈରବ ପୀଠ, ଗାୟତ୍ରୀ ମନ୍ଦିର, ସାଇ ମନ୍ଦିର, ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର ,ଶନି ମନ୍ଦିର,ଆଦି ଅନେକ ମନ୍ଦିର ରହିଛି ।ଏହି ଐତିହାସିକ ସହରରେ ଏକଦା ଛଅ କୋଡ଼ି ବନ୍ଧ ଓ ନଅ କୋଡ଼ି ତୋଟା ରହିଥିବା ଜଣାଯାଏ ।ସହରର ପାଦଦେଶରେ କାହିଁ କେଉଁ ଆଦିମ କାଳରୁ ହାତୀନଦୀ କୁଳୁକୁଳୁ ହୋଇ ବହିଯାଉଛି ।ମୁଣ୍ଡଦେଶରେ ପ୍ରକୃତିର ପ୍ରାଚୁର୍ଯ୍ୟ ପରିଆ, ଘନା, ଗର୍ଜନ ପାହାଡ଼ ସହିତ ଅନତି ଦୂରରେ ପର୍ଯ୍ୟଟନ ସ୍ଥଳୀ ଭତ୍ରାଡେମ ବେଶ ଆକର୍ଷଣୀୟ ।ଏହି ସହରର ହାଇସ୍କୁଲ ଖେଳ ପଡ଼ିଆରେ ଚଳିତ ୧୪,୧୫,୧୬ ଫେବୃଆରୀରେ ଜୁନାଗଡ଼ ମହୋତ୍ସବ ଆୟୋଜନ କରାଯାଇଛି ।ଏହି ଉତ୍ସବରେ ସ୍ଥାନୀୟ ଲୋକକଳା ଘୁମୁରା, ବଜାସାଲ, ବନାବାଡି, ଢାପ, ଘୁଡୁକା, ସହିତ ରାଜ୍ୟ ତଥା ବାହାର ରାଜ୍ୟର ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ।ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତା, ପାଥୋସ୍ୱ,କ୍ରିକେଟ, ଫୁଟବଲ ମ୍ୟାଚ ହେବ ।ହାଇସ୍କୁଲ ଖେଳାପଡ଼ିଆର ମା ଲଙ୍କେଶ୍ୱରୀ ମଞ୍ଚ ନିର୍ମାଣ ସହ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣରେ ଲାଗି ପଡିଛନ୍ତି ଆୟୋଜନ କମିଟି ।ଜୁନାଗଡ଼ ମହୋତ୍ସବ ୨୦୨୫ କୁ ନେଇ ଅଞ୍ଚଳରେ ଉତ୍ସାହ ଦେଖିବାକୁ ମିଳୁଛି ।

## ନୂତନ ବିଏସଏସଓଙ୍କ ଯୋଗଦାନ

**ସିନାପାଲି,୧/୩ (ନି.ପ୍ର):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ନୂତନ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଭାବେ ହରେ କୃଷ୍ଣ ନାଏକ ଗୁରୁବାର ଦିନ ରେ ଯୋଗଦାନ କରିଛନ୍ତି । ଇତି ପୂର୍ବେ ନୂଆପଡ଼ା ବ୍ଲକରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଗୁରୁବାର ଯୋଗଦାନ ପରେ ବିଭିନ୍ନ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଅଟନ୍ତି । ଜନସାଧାରଣଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନା ସୁରୁଖୁରୁରେ ଜନସାଧାରଣ ପାଇପାରିବେ ସେଥିପାଇଁ ମୁଁ ସବୁବେଳେ ଚେଷ୍ଟିତ ରହିବି ବୋଲି ମତ ପ୍ରଦାନ କରିଛନ୍ତି । ଯେହେତୁ ସେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ତେଣୁ ତାଙ୍କ ଯୋଗଦାନ ଖବର ଶୁଣି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

# ଦୁଇ ମୋଟର ସାଇକେଲ ମୁହାଁ ମୁହିଁ : ଜଣେ ମୃତ, ଜଣେ ଗୁରୁତର

**ଟାଙ୍ଗୀ ଚୌଦ୍ୱାର: ୧/୩ (ନି.ପ୍ର):**ଚୌଦ୍ୱାର ଥର୍ମାଲ ରୋଡ଼ କାଳୀ ମନ୍ଦିର ସମ୍ମୁଖରେ ଘଟିଯାଇଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁଇ ମୋଟରସାଇକେଲ ମୁହାଁମୁହିଁ ଧକ୍କା । ଘଟଣା ସ୍ଥଳରେ ଜଣେ ମୃତ ଜଣେ ଗୁରୁତର ହୋଇଥିବା ବେଳେ ଚାପା ଉତେଜନା ଦେଖାଯାଇଥିଲା । ପରେ ଚୌଦ୍ୱାର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ବୁଝାସୁଝା କରି ଶାନ୍ତ କରିବା ସହିତ ଦୁର୍ଘଟଣାର ଶିକାର ହୋଇଥିବା ଉଭୟଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲ କୁ ପଠାଇଥିଲେ । ମେଡ଼ିକାଲରେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିବାବେଳେ ଅନ୍ୟ ଜଣେ ଗୁରୁତର ଥିବା ସୂଚନା ମିଳିଛି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକ ହେଉଛନ୍ତି ଚୌଦ୍ୱାର ଅଞ୍ଚଳ ବଉଳେଇ ସାହିର ତପ୍ତ ରଞ୍ଜନ ମହାରଣା ଓ ଗୁରୁତର ହୋଇଥିବା ଯୁବକ ହେଉଛନ୍ତି ଚୌଦ୍ୱାର ଦାଶରଥି ପାଟଣା ଗ୍ରାମର ସୌମ୍ୟ ରଞ୍ଜନ ପରିଡ଼ା ।

ସାଧାରଣ ଲୋକଙ୍କ କହିବାନୁଯାୟୀ ଏହି ରାସ୍ତା ରେ କୌଣସି ଟ୍ରାଫିକ ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି । ଏହି ଥର୍ମାଲ ରୋଡ଼ ଗାନ୍ଧୀ ଛକ ଠାରୁ ବିରୂପା ବ୍ୟାରେଜ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏକାଧିକ ରହିଥିବା ବେଳେ ଆଗାମୀ ଦିନରେ ବେପରୁଆ ଗାଡ଼ି ଚାଳନା ପାଇଁ ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଅଞ୍ଚଳରେ ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି ।

ଏହି ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଲାଗୁ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି । ଯଦି ଟ୍ରାଫିକ ବ୍ୟବସ୍ଥା ନକରଯାଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଅବରୋଧ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

# ନିର୍ଭୀକ ଖବର ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ

**ଭୁବନେଶ୍ୱର୧/୩ (ନି.ପ୍ର):**ଆଜି ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ଓଡ଼ିଶାର ଅଗ୍ରଣୀ ୱେବ୍ ନ୍ୟୁଜ୍ ଚ୍ୟାନେଲ ନିର୍ଭୀକ ଖବର ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଏହି ଉତ୍ସବରେ ଉଦଘାଟକ ଭାବେ ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି ,ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ପରିବେଶବିତ ତଥା ପୂର୍ବତନ ବିଧାୟକ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ, ରାଜ୍ୟ ପୁସ୍ତକମେଳା ସମ୍ପାଦକ ବିଧୁଭୁଷଣ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣ ବେହେରା, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ଚ୍ୟାନେଲର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ନିର୍ଭୀକ ଖବର ଯେଉଁ ଭଳି ଭାବେ ଖବର ପ୍ରସାରଣ କରୁଛି ଏବଂ ତାର ବିଚାରଧାରା ବେଶ ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଗଣ୍ଡ ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭା ମାନଙ୍କୁ ନିର୍ଭୀକ ଗୌରବ ସମ୍ମାନ୨୦୨୫ରେ ସମ୍ମାନିତ କରାଯାଇଥିଲା । ଚ୍ୟାନେଲର ସମ୍ପାଦକ ଆଶୁତୋଷ ଚୌଧୁରୀ ସ୍ୱାଗତ ଭାଷଣ

# ଅସହାୟଙ୍କ ସହିତ ଜନ୍ମଦିନ ପାଳନ କରି ଉଦାହରଣ ସୃଷ୍ଟି କଲେ ବରଗଡ ବିଧାୟକ



ବରଗଡ଼ )-ଅସହାୟଙ୍କ ସହିତ ଜନ୍ମଦିନ ପାଳନ କରି ଉଦାହରଣ ସୃଷ୍ଟି କଲେ ବରଗଡ ବିଧାୟକହଁ ଆଜ୍ଞା ଜନତାଙ୍କ ପ୍ରତିନିଧି ହେବା ବହୁତ ବଡ କଥା ତାହା ସରପଞ୍ଚ ହୁଅନ୍ତୁ ବା ବିଧାୟକ ।ଏହି ଜନ ପ୍ରତିନିଧିଙ୍କୁ ଅନୁକରଣ କରିଥାନ୍ତି ଜନତା ।ଏହି ଯେମିତି ନବନିର୍ବାଚିତ ବରଗଡ ବିଧାୟକଙ୍କ କାର୍ଯ୍ୟଧାରା ସାରା ରାଜ୍ୟରେ ଚର୍ଚ୍ଚିତ ହେଉଛି ।କେତେବେଳେ ବିଧାନସଭାରେ ଗୀତ ଓ ସଂଳାପ ମାଧମରେ ବିରୋଧିଙ୍କୁ ରୋକଠୋକ୍ ଜବାବ୍ ଦେଇ ଆଉ କେତେବେଳେ ଚାଷୀଙ୍କ ଧାନ କିଣାକୁ ନେଇ ଚାଷୀଙ୍କୁ 'ଠନ୍ ଠନ୍ ଧାନ ଦିଅ ଠନ୍ ଠନ୍ ପଇସା ନିଅ' ବୋଲି କହି ରାଜ୍ୟ ରାଜନୀତିରେ ଉଷ୍ମତା ସୃଷ୍ଟି କରିଛନ୍ତି ।ଆଜି ମହାଶିବରାତ୍ରି ଅବସରରେ ଶ୍ରୀଯୁକ୍ତ ଷଡଙ୍ଗୀଙ୍କ ସଂଯୋଗ କ୍ରମେ ଜନ୍ମଦିନ ପଡିଥିଲା । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ତଥା ଯୁବବର୍ଗଙ୍କୁ ସାମାଜିକ କାର୍ଯ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ନିଆରା ଢଙ୍ଗରେ ପାଳନ କରିଥିଲେ ନିଜ ଜନ୍ମ ଦିବସ ।ଏଥିପାଇଁ ସକାଳୁ ତାଙ୍କ ପିତା ମାତାଙ୍କ ଫଟୋଚିତ୍ର ସମ୍ମୁଖରେ ମୁଣ୍ଡିଆ ମାରି ପହଞ୍ଚିଥିଲେ ବୃଦ୍ଧ ବୃଦ୍ଧାମାନେ ଅସହାୟ , ନିଷ୍ପେଶିତ ହୋଇ ରହୁଥିବା ଏକ ଜରାଶ୍ରମକୁ ।ବରଗଡ ଉପକଣ୍ଠ ଚକରକେନଠାରେ ଥିବା ମାତୃଛାୟା ଶାନ୍ତି ତପୋବନ ଆଶ୍ରମକୁ ପହଞ୍ଚିବା କ୍ଷଣି ମାନ୍ୟବର ବିଧାୟକଙ୍କୁ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ନିଆରା ଢଙ୍ଗରେ ସ୍ୱାଗତ କରାଯାଇଥିଲା ।ପ୍ରତ୍ୟେକ ଆଶ୍ରମର ଅନ୍ତେବାସୀ ଫୁଲ,ଚନ୍ଦନ ଦେଇ ବିଧାୟକଙ୍କୁ ଶୁଭେଚ୍ଛା ଜଣେଇଥିଲେ ।ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଷଡଙ୍ଗୀ ନିଜ ହାତରେ ମିଠା ଖୁଆଇଥିଲେ ଏବଂ ବୟୋଜ୍ୟେଷ୍ଠ ଅନ୍ତେବାସୀଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ ।ସମସ୍ତ କାର୍ଯ୍ୟକ୍ରମକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂପର୍କ ସ୍ୱେଚ୍ଛାସେବୀ ସଂଘ ଆୟୋଜନ କରିଥିବାବେଳେ ସଂଘର ସଭାପତି ଅବନିକାନ୍ତ ପଣ୍ଡା,ସଂପାଦକ ରୋଶନ ସାହୁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ ।ବର୍ତ୍ତମାନ ଯୁବପିଢି ଜନ୍ମଦିନ ପାଳନ ପାଇଁ ମଦ-ମାଂସ, ଭୋଜି-ଭାତର ଆୟୋଜନ କରି ପଥଭ୍ରଷ୍ଟ ହେଉଥିବାବେଳେ ନବନିର୍ବାଚିତ ବିଧାୟକଙ୍କ ଜନ୍ମଦିନ ପାଳନ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ ।ଏହି ପରିପ୍ରେକ୍ଷୀରେ ମାନ୍ୟବର ବିଧାୟକ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଶ୍ରମ ପରିଚାଳକ ଦେବଦତ୍ତ ତ୍ରିପାଠୀଙ୍କ ସହିତ ଆଲୋଚନା କରିଥିଲେ ।ଆଶ୍ରମ ପରିସରରେ ବିଧାୟକଙ୍କୁ ପାଇ ସମସ୍ତ ଅନ୍ତେବାସୀ ଆନନ୍ଦିତ ଥିବା ଦେଖିବାକୁ ମିଳିଥିଲାହଁ ଆଜ୍ଞା ଜନତାଙ୍କ ପ୍ରତିନିଧି ହେବା ବହୁତ ବଡ କଥା ତାହା ସରପଞ୍ଚ ହୁଅନ୍ତୁ ବା ବିଧାୟକ ।ଏହି ଜନ ପ୍ରତିନିଧିଙ୍କୁ ଅନୁକରଣ କରିଥାନ୍ତି ଜନତା ।ଏହି ଯେମିତି ନବନିର୍ବାଚିତ ବରଗଡ ବିଧାୟକଙ୍କ କାର୍ଯ୍ୟଧାରା ସାରା ରାଜ୍ୟରେ ଚର୍ଚ୍ଚିତ ହେଉଛି ।କେତେବେଳେ ବିଧାନସଭାରେ ଗୀତ ଓ ସଂଳାପ ମାଧମରେ ବିରୋଧିଙ୍କୁ ରୋକଠୋକ୍ ଜବାବ୍ ଦେଇ ଆଉ କେତେବେଳେ ଚାଷୀଙ୍କ ଧାନ କିଣାକୁ ନେଇ ଚାଷୀଙ୍କୁ 'ଠନ୍ ଠନ୍ ଧାନ ଦିଅ ଠନ୍ ଠନ୍ ପଇସା ନିଅ' ବୋଲି କହି ରାଜ୍ୟ ରାଜନୀତିରେ ଉଷ୍ମତା ସୃଷ୍ଟି କରିଛନ୍ତି ।ଆଜି ମହାଶିବରାତ୍ରି ଅବସରରେ ଶ୍ରୀଯୁକ୍ତ ଷଡଙ୍ଗୀଙ୍କ ସଂଯୋଗ କ୍ରମେ ଜନ୍ମଦିନ ପଡିଥିଲା । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ତଥା ଯୁବବର୍ଗଙ୍କୁ ସାମାଜିକ କାର୍ଯ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ନିଆରା ଢଙ୍ଗରେ ପାଳନ କରିଥିଲେ ନିଜ ଜନ୍ମ ଦିବସ ।ଏଥିପାଇଁ ସକାଳୁ ତାଙ୍କ ପିତା ମାତାଙ୍କ ଫଟୋଚିତ୍ର ସମ୍ମୁଖରେ ମୁଣ୍ଡିଆ ମାରି ପହଞ୍ଚିଥିଲେ ବୃଦ୍ଧ ବୃଦ୍ଧାମାନେ ଅସହାୟ , ନିଷ୍ପେଶିତ ହୋଇ ରହୁଥିବା ଏକ ଜରାଶ୍ରମକୁ ।ବରଗଡ ଉପକଣ୍ଠ ଚକରକେନଠାରେ ଥିବା ମାତୃଛାୟା ଶାନ୍ତି ତପୋବନ ଆଶ୍ରମକୁ ପହଞ୍ଚିବା କ୍ଷଣି ମାନ୍ୟବର ବିଧାୟକଙ୍କୁ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ନିଆରା ଢଙ୍ଗରେ ସ୍ୱାଗତ କରାଯାଇଥିଲା ।ପ୍ରତ୍ୟେକ ଆଶ୍ରମର ଅନ୍ତେବାସୀ ଫୁଲ,ଚନ୍ଦନ ଦେଇ ବିଧାୟକଙ୍କୁ ଶୁଭେଚ୍ଛା ଜଣେଇଥିଲେ । ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଷଡଙ୍ଗୀ ନିଜ ହାତରେ ମିଠା ଖୁଆଇଥିଲେ ଏବଂ ବୟୋଜ୍ୟେଷ୍ଠ ଅନ୍ତେବାସୀଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ ।ସମସ୍ତ କାର୍ଯ୍ୟକ୍ରମକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂପର୍କ ସ୍ୱେଚ୍ଛାସେବୀ ସଂଘ ଆୟୋଜନ କରିଥିବାବେଳେ ସଂଘର ସଭାପତି ଅବନିକାନ୍ତ ପଣ୍ଡା, ସଂପାଦକ ରୋଶନ ସାହୁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ । ବର୍ତ୍ତମାନ ଯୁବପିଢି ଜନ୍ମଦିନ ପାଳନ ପାଇଁ ମଦ-ମାଂସ,ଭୋଜି-ଭାତର ଆୟୋଜନ କରି ପଥଭ୍ରଷ୍ଟ ହେଉଥିବାବେଳେ ନବନିର୍ବାଚିତ ବିଧାୟକଙ୍କ ଜନ୍ମଦିନ ପାଳନ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ ।ଏହି ପରିପ୍ରେକ୍ଷୀରେ ମାନ୍ୟବର ବିଧାୟକ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଶ୍ରମ ପରିଚାଳକ ଦେବଦତ୍ତ ତ୍ରିପାଠୀଙ୍କ ସହିତ ଆଲୋଚନା କରିଥିଲେ ।ଆଶ୍ରମ ପରିସରରେ ବିଧାୟକଙ୍କୁ ପାଇ ସମସ୍ତ ଅନ୍ତେବାସୀ ଆନନ୍ଦିତ ଥିବା ଦେଖିବାକୁ ମିଳିଥିଲା ।

# ଜଟାବାଲ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ



ପାପଡାହାଣ୍ଡି- ପାପଡାହାଣ୍ଡି ବ୍ଲକ ଜଟାବାଲ ଠାରେ ଚାଲିଥିବା ଟେନିସ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଆଜି ଅନୁଷ୍ଠିତ ହୋଇଯାଇଛି । ଫାଇନାଲରେ ପାପଡାହାଣ୍ଡି ଦଳ ୨୨ ରନରେ ଚନ୍ଦ୍ରପୁର ଦଳକୁ ପରାସ୍ତ କରିଥିଲା । ପୁରସ୍କାର ବିତରଣ ଉତ୍ସବ ରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ଶିବ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ୨୧ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଜଟାବାଲ କ୍ରିକେଟ କ୍ଲବର ଅହମ୍ମଦ ରାଜା, ଜୋନାଥନ ହିଆଲ, ଆସିଫ ଖାନ, ଅମନ ହିଆଲ, ପିୟୁଷ, ଗଫୁର ଖାନ ପ୍ରମୁଖ ଆୟୋଜନ କରିଥିଲେ । ଫାଇନାଲରେ ଅମ୍ପାୟର ଭାବେ ଶେଖ ଜଲାଲ, ହମିଦ ହୁସେନ କରିଥିଲେ । ଫାଇନାଲ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା

# ମହାବିନାୟକ ସଂସ୍କୃତିକ ପରିଷଦ ଉର୍ସବ ଉଦ୍‌ଘାଟିତ, କଣ୍ଠଶିଳ୍ପି ଇରା ମହାନ୍ତିଙ୍କ ସଂଗିତରେ ଝୁମିଲେ ଦର୍ଶକ

ବଡଚଣା, ମହାଶିବ ରାତ୍ରୀ ଜାଗରଯାତ୍ରା ଅବସରରେ ପଂଚଦେବ ପୀଠ ମହାବିନାୟକ ଠାରେ ମହା ଆଡମ୍ବରରେ ସଂସ୍କୃତିକ ମହୋର୍ସବ ଅନୁଷ୍ଠିତ ହୋଇଯାଇଛି ।ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ନିକଟସ୍ଥ ବାରୁଣାବନ୍ତ ସବୁଜ ବନାନୀ ରେ ଅଧିଷ୍ଠିତ ମହାବିନାୟକ ପୀଠରେ ଚଳିତ ବର୍ଷ ପ୍ରଥମ ବାର୍ଷିକ ସାଂସ୍କୃତିକ ପରିଷଦ ପକ୍ଷରୁ ତିନିଦିନ ବ୍ୟାପି ସାଂସ୍କୃତିକ ମହୋର୍ସବ ଆୟୋଜନ କରାଯାଇଛି ।ଜାଗର ସଂଧ୍ୟାରେ ସାଂସ୍କୃତିକ ପରିଷଦର ପ୍ରଥମ ସଂଧ୍ୟାରେ ଉଦଘାଟନ ଉର୍ସବକୁ ଯାଜପୁର ସାସଂଦ ଡ. ରବିନ୍ଦ୍ର ନାରାୟଣ ବେହେରା ଉଦଘାଟନ କରି ମହାବିନାୟକ ପୀଠ ଆମ ଜିଲ୍ଲାର ଏକ ପ୍ରମୂଖ ଶୈବ ପୀଠ କେବଳ ଜାଗର ସମୟ ନୁହେଁ ବର୍ଷ ତମାମ ଶ୍ରଦ୍ଧାଳୁ,ଭକ୍ତ ଓ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ର ବୋଲି କହିଥିଲେ ।ମୂଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଆମ ମାଟି ଆରାଧ ଦେବତା ମହାବିନାୟକ ଆମ ପରିଚୟ ପଂଚଦେବ ପୂଜନ ପ୍ରଥା ଅନ୍ୟ କୌଣସି ଶୈବ ପୀଠରେ ଦେଖିବାକୁ ମିଳିନଥାଏ ।ଚଳିତ ବର୍ଷ ମହାବିନାୟକ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କଳା,ସଂସ୍କୃତିର ମହାପର୍ବ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିପାରିଛି ।ମହାବିନାୟକ ପୀଠର ବିକାଶ ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।ଆଗାମୀ ଦିନରେ ଏହି ପୀଠକୁ ଆହୁରି ସରସ ସୁନ୍ଦର ଓ ବର୍ଣାଢ୍ୟ ପରିବେଶ ହୋଇପାରିବ ।ଶିକ୍ଷାବିତ ପ୍ରାକ୍ତନ ଅଧାପକ କେଦାରନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ସଭାରେ ଯାଜପୁର ପ୍ରାକ୍ତନ ଯାଜପୁର ଜିଲ୍ଲାପରିଷଦ ଅଧକ୍ଷ ମୂଖ୍ୟ ବକ୍ତା ଭାବେ ଯୋଗଦେଇ ଆମ ସଂସ୍କୃତି,ଐତିହ୍ୟ ଓ କଳାକୁ ଉଜ୍ଜିବିତ କରିବା ପାଇଁ ଆୟୋଜିତ ସାଂସ୍କୃତିକ ଉର୍ସବକୁ ପ୍ରସଂସା କରିବା ସହ ଏହାର ଉତ୍ତରୋତ୍ତର ଅବିବୃଦ୍ଧି କାମନା କରିଥିଲେ ।ଶିକ୍ଷାବିତ ବଳରାମ ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ପରିଷଦର ସଭାପତି ପବିତ୍ର ରାଉତ ମହାବିନାୟକ ପୀଠର ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ ।ସମ୍ପାଦକ ହରିଶଙ୍କର ପଣ୍ଡା ସମ୍ପଦକୀୟ ପାଠ କରିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରୁ ଚଣ୍ଡିଖୋଲ ଉଦିୟମାନ କଳା ପରିଷଦ ସମ୍ପାଦକ ଅନିଲ କୁମାର ଦାଶଙ୍କ ସଂଚାଳନରେ ଅନୁଷ୍ଠାନର କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା ।ଉଦଘାଟନ ଉର୍ସବ ପରେ ଓଡିଶାର ସୁନାମଧନ୍ୟ କଣ୍ଠ ଶିଳ୍ପି ଇରା ମହାନ୍ତି ଓ ତାଙ୍କ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା ।ଶେଷରେ ବଡଚଣା ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବଡଚଣା ବିଡିଓ ରବିନ୍ଦ୍ର ପ୍ରଧାନ,ଶେଷଦେବ ନାୟକ,ବେଣୁଧର ବିଶ୍ୱାଳ,ଅଶୋକ ଦାଶ,ଆଇନଜିବୀ ଦେବରାଜ ବେହେରା ଅନୁଷ୍ଠାନର ଉପଦେଷ୍ଟା ଅନନ୍ତ ମହାଲା,ଚନ୍ଦନ ନାୟକ, ସରପଂଚ ଯଯାତି କେଶରୀ ରାଉତ,ପ୍ରଫୁଲ୍ଲ ଦାଶ,ପ୍ରମୋଦ ଜେନା ପ୍ରମୂଖ ଉପସ୍ଥିତ ଥିଲେ । ସଭ୍ୟ ଅଞ୍ଜନ ସାମଲ,ପ୍ରକାଶ ସାହୁ, ଟୁଇନାନ୍ନୁ ନାୟକ,ଡମ୍ବରୁଧର ବେହେରା, ଜଗର୍ନାଥ ମୁଦୁଲି,ପୀତବାସ ସେଠୀ,ବାଇଧର ସାହୁ,ଅଶୋକ ନାୟକ,ଜଗନ୍ନାଥ ମହାପାତ୍ର,କଳ୍ପତରୁ ସାହୁ ପ୍ରମୂଖ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

# ରକ୍ଷକ ସାଜିଲେ ଭକ୍ଷକ, ମହିଳାଙ୍କୁ କଲେ ଅସାଦଚରଣ,



ଜଗତସିଂହପୁର, ସାଧାରଣ ରେ ପ୍ରଶ୍ନ ଉଠିଲା ଉତ୍ତର ଆପଣଙ୍କ ପାଖରେ ଜଦି ଦେଶର ରକ୍ଷକ ସାଜିବେ ଭକ୍ଷକ ତାହାଲେ ସାଧାରଣ ଲୋକ ନ୍ୟାୟ ପାଇବେ କେଉଁଠୁକର୍ତ୍ତ୍ୟ ରତ କୁଜଙ୍ଗ ଥାନା ଅଧିକାରୀ ତପନ ନାହାକ ଙ୍କ ନାମରେ ଅଭିଯୋଗ ଆଣିଲେ ମହିଳା ହୋମଗାର୍ଡ ପୋଲିସ ଅଧିକାରୀ ଙ୍କ ନାଁରେ ଅଭିଯୋଗ ଆଣି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଜୈନିକ ହୋମଗାର୍ଡ ଛଦ୍ମନାମ ରିଙ୍କି ସୁଭଦ୍ରଶିନୀ ଜଗତସିଂହପୁର ଥାନା ରେ ଅଭିଯୋଗ କରିଛନ୍ତି ବୋଲି ଆଜି ସାମ୍ନା କୁ ଆଣିଛନ୍ତି ଜିଲ୍ଲା ଆରକ୍ଷୀଅଦିକ୍ଷକ କ୍ଷ ସୂଚନା ମୁତାବକ ପୂର୍ବରୁ ଜଗତସିଂହପୁର ଆଡିସନାଲ ଥାନା ଅଧିକାରୀ ଥିବା ବେଳେ ଜୈନିକ ମହିଳା ହୋମ ଗାର୍ଡ ମିଶିଥିଲେ ପ୍ରଥମେ ପରେ ବିବାହ ପ୍ରତିଶୃତି ଶାରୀରିକ ସମ୍ପର୍କ ରଖି ପରେ ଧରା ଛୁଆଁ ଦେଉନଥିଲେ କ୍ଷ ମହିଳା ଅଭିଯୋଗ ପରେ ଜଗତସିଂହପୁର ଆରକ୍ଷିକଅଧିକ ଅଭିଯୋଗ ଜାଣିଲା ପରେ ଖୋର୍ଦ୍ଧା ଅଞ୍ଚଳରୁ କୁଜଙ୍ଗ ସସମ ତପନ ନାହାକ ଙ୍କୁ କାବୁ କରୀ ଜଗତସିଂହପୁର କୁ ଆଣି ଅଧିକ ତଦନ୍ତ ପାଇଁ ଜେରା କରିବା ସହ ଜୈନିକ ଛଦ୍ମନାମ ମହିଳା ହୋମ ଗାର୍ଡ ରିଙ୍କି ସୁଭଦ୍ରଶିନୀ ଡାକ୍ତରୀ ମଇନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଛନ୍ତି କ୍ଷ ତେବେ ଏହି ପୋଲିସ ଅଧିକାରୀ ଜଣକ କେତେ ମହିଳା ଙ୍କ ସହ ମିଥ୍ୟା ପ୍ରତିଶୃତି ଦେଇ ସାରିକିକ ସମ୍ପର୍କ ରଖିଛନ୍ତି ତାହା ତଦନ୍ତ ପରେ ଜଣା ପଡିବ ବୋଲି ସାମ୍ନା କୁ ଆସିଛି ।

# ରୁଆଭାଡ଼ିରେ ଜଳ ବିଭାଜିକା ତାଲିମ ଶିବିର ଅନୁଷ୍ଠିତ

ଜମନକିରା :ପରୁଆଭାଡ଼ି ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଜଳ ବିଭାଜିକା ତାଲିମ ଶିବିର ସହ କମ୍ପୋଷ୍ଟ ଖତ ଦ୍ୱାରା ଚାଷ ସମ୍ପର୍କରେ ପଞ୍ଚାୟତ ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ଅବସର ପ୍ରାପ୍ତ କୃଷି ଯନ୍ତ୍ରୀ ରବିନ୍ଦ୍ର କୁମାର ଦାସ ତାଲିମ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ କୁ ସ୍ୱେଚ୍ଛାସେବୀ ସସ୍ମିତା ସାହୁ ଓ ପଙ୍କ ଜିନୀ ନାୟକ ପରିଚାଳନା କରିଥି ଲେ ।ଅନ୍ୟ ମାନଙ୍କ ମଧରେ ସୁଶାନ୍ତ ବେହେରା,ପୁଷ୍ପାଞ୍ଜଳି ବେହେରା, ହରିପ୍ରିୟା ପଟେଲ,ପୁଷ୍ପଲତା ସାହୁ,ପୀତବାସ ଚୌଧୁରୀ, ହିମାଂଶୁ ଚୌଧୁରୀ ଙ୍କ ସମେତ ବହୁ କୃଷକ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ ।

# ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ପାରହତା ଗ୍ରାମରେ ଥିବା ପରମେଶ୍ୱରାୟ ମନ୍ଦିର



ନୀଳଗିରି : ପବିତ୍ର ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ଆଜି ସମସ୍ତ ଶୈବପୀଠ । ଓମ୍ ନମଃ ଶିବାୟ ମନ୍ତ୍ରରେ ପୂଜିତ ହେଉଛନ୍ତି ଦେବ ଦେବ ମହାଦେବ । ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅନ୍ତର୍ଗତ ପାରହତା ଗ୍ରାମ ରେ ଥିବା ବାବା ପରମେଶ୍ୱରାୟ ଙ୍କ ମନ୍ଦିରରେ । ଜାଗର ଯାତ୍ରା ମଧ ଧୁମ୍ ଧାମରେ ପାଳିତ ହେଉଥିବା ଦେଖିବାକୁ ମିଳିଛି । ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିବା ବେଳେ । ଭକ୍ତ ମାନଙ୍କ ପାଇଁ ମଧ ସମସ୍ତ ପ୍ରକାରର ସୁବିଧା ବ୍ୟବସ୍ଥା ରହିଥିବା ଦେଖିବାକୁ ମିଳିଛି । ଏହି ମନ୍ଦିରଟି ଆସନ୍ତା ବର୍ଷ ଉଦ୍ଘାଟିତ ତାରିଖ ଦିନ ବାର୍ଷିକ ଉତ୍ସବ ମଧ ଅନୁଷ୍ଠିତ ହେଉଅଛି ବୋଲି କମିଟିର ସଦସ୍ୟ ମାନେ କହିଛନ୍ତି । ଆଜି ଏହି ପବିତ୍ର ମହାଶିବରାତ୍ରୀ ରେ କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ସହଯୋଗ କରିଥିବା ଦେଖିବାକୁ ମିଳିଛି ।

# ମହା ଶିବରାତ୍ରୀ ଅବସରରେ ପଞ୍ଚଲିଙ୍ଗେଶ୍ୱରରେ ଜଳଛତ୍ର



ନୀଳଗିରି: ଜାଗର ଓ ମହାଶିବରାତ୍ରି ଉପଲକ୍ଷେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପିଠ ନିକଟରେ ଜନ କଲ୍ୟାଣ ସଂଗଠନ ପକ୍ଷରୁ ଜଳଛତ୍ର କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଅଛି, ଏହି କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ସମାଜ ସେବୀ ନବୋକିଶର ରାଏ ଯୋଗଦେଇ ଉଦ୍ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସଞ୍ଜୟ ମହାନ୍ତି, କବି ବା ଲେଖକ କୋମଳଲୋଚନ୍ ପଣ୍ଡା ଯୋଗ ଦେଇଥିଲେ ।ମୋଟ ୪ ଗୋଟି ଗାଁର ଯୁବକ ମାନଙ୍କୁ ନୂତନ ଖେଳଡ୍ରେସ ପ୍ରଦାନ କରାଯାଇଥିଲା ସାରାଦିନ ଭକ୍ତଙ୍କୁ ଥଣ୍ଡାଜଳ ଦାନ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ଜନ କଲ୍ୟାଣ ସଂଗଠନ ର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳ, ସମ୍ପାଦକ ସୁକାନ୍ତ ଦାସ, ସହ ସମ୍ପାଦକ ଜୟନ୍ତ ବେହେରା,ଜ୍ଞାନରଞ୍ଜନ ବାରିକ୍,ସାମ୍ବାଦିକ ଦିଲ୍ଲିପ ସ୍ୱାଇଁ, ଜଗନ୍ନାଥ ଦାସ, ଗଣେଶ ଜେନା,କୁଳମଣି ମହାପାତ୍ର, ରାଜା ପଣ୍ଡା, ସୋମା ସିଂ, ବାଜି ସିଂ, ଅମର ସିଂ, ନାରାୟଣ ସିଂ, ଧନଞ୍ଜୟ ସିଂ, ଓ ଶତାଧିକ କର୍ମି ଉପସ୍ଥିତ ରହି ଲୋକଙ୍କୁ ସହାୟତା ପ୍ରଦାନ କରିଥଲେ ।ଶେଷରେ ଅଥିତି ମାନେ ସଂଗଠନର ଉତ୍ତରୀୟ କାମନା କରିଥଲେ ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରେ ପାଖାପାଖି ୫୭୦ ଜଣ ହେଲେ ଲାଭାନ୍ୱିତ

ବରଗଡ଼, -ବରଗଡ ଜିଲ୍ଲା ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୁଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏ ଅବସରରେ ବିଜେପୁର ସ୍ଥିତ ଅମୃତଧାରା ନର୍ସିଂ ହୋମର ପରିଚାଳକ ଯଶୋବନ୍ତ ମେହେର ,ଖୁଣ୍ଟପାଲି ଗ୍ରାମ ପଂଚାୟତ ସରପଞ୍ଚ ବେଳାର ମେହେର ଏବଂ ବିକାଶ ହସ୍ପିଟାଲରେ କାର୍ଯ୍ୟରତ ଡ଼ା ସୁଶାନ୍ତ ମେହେର ଅତିଥି ଭାବରେ ଯୋଗଦେଇ ଶିବିର ଅନୁଷ୍ଠିତ ପୂର୍ବରୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସକାଳ ୯ ଘଣ୍ଟାରୁ ଦିବା ୧ ଘଣ୍ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇ ଯାଇଥିବା ବେଳେ, ବିଭିନ୍ନ ବିଭାଗରେ ଯଥା ଶିଶୁ ରୋଗ ବିଶେଷଜ୍ଞ ଡା ଆଶିଷ ଶତପଥି, ମେଡିସିନ ବିଭାଗରେ ଡ଼ା.ସନ୍ତୋଷ ଟେଟେ, ସର୍ଜରୀ ବିଭାଗରେ ଡ଼ା.ସୁଶାନ୍ତ ମେହେର, ଦନ୍ତରୋଗ ବିଭାଗରେ ଡ଼ା.ପ୍ରଗତୀ ସିହ୍ନା,ଫିଜୋଓଥେରାପି ବିଭାଗରେ ଡ଼ା.ମହମ୍ମଦ ଅକତର୍ ବିଭିନ୍ନ ଅଞ୍ଚଳରୁ ଆସିଥିବା ରୋଗୀ ମାନଙ୍କ ବିଷୟରେ ଅବଗତ ହେଲାପରେ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା କଳାପରେ ଔଷଧ ବିତରଣ କେନ୍ଦ୍ରକୁ ଯାଇ ମାଗଣାରେ ଓ। ?ଷଧ ନେବା ସମୟରେ ଔଷଧ ବିତରଣ କେନ୍ଦ୍ରର ଦାୟିତ୍ୱରେ ଥିବା ଛନ୍ଦା ଚରଣ ବେହେରା ଏବଂ ତାଙ୍କ ସହକର୍ମୀ ମାନେ କେତେବେଳେ କେଉଁ ଔଷଧ ସେବନ କରିବେ ତାହା ରୋଗୀ ମାନଙ୍କୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଥିଲା । ପ୍ରାରମ୍ଭରେ ରୋଗୀ ମାନେ ନିଜ ନାମ ପଞ୍ଜିକରଣ କରି ବିଭାଗ ମାନଙ୍କୁ ପ୍ରବେଶ କରିଥିଲେ ।ଡା.ଅଜିତ କୁମାର ବାରିକ ଏବଂ ତାଙ୍କ ସହକର୍ମୀ ପଞ୍ଜିକରଣ ସମୟରେ ସହଯୋଗ କରିଥିଲେ ।ପ୍ରବଳ ଭିଡ଼ ସମୟରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ପରିଦର୍ଶନ ରେ ଆସି ସମସ୍ତ ବିଭାଗର ଡ଼ାକ୍ତର ମାନଙ୍କ ସହିତ ମିଶିଥିଲେ । ତତ୍ ସଙ୍ଗେସଙ୍ଗେ ରୋଗୀ ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝୁଥିବା ଦେଖାଯାଇଥିଲା । ଶେଷରେ ବିଧାୟକ ତ୍ରିରଙ୍ଗା କ୍ଲବ ଖୁଣ୍ଟପାଲି ଙ୍କ ଏଭଳି ଜନହିତକର ପ୍ରୟାସକୁ ସ୍ୱାଗତ କରିବା ସହିତ ଭୂୟସୀ ପ୍ରଶଂସା କରିବା ସହିତ ମୁରଲି କ୍ରିଷ୍ଣା ଫାଉଣ୍ଡେସନ ପକ୍ଷରୁ ପ୍ରଦତ୍ତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।ମହି ମାଗଣା ସ୍ୱାସ୍ଥ୍ୟ ସେବା ଶିବିରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା ।

# ୫୨ ବର୍ଷରେ ପଦାର୍ପଣ କଲା ସ୍ୱପ୍ନେଶ୍ୱର ଶିବ ମନ୍ଦିରର ଜାଗର ଯାତ୍ରା

ରିଆମା, : ରିଆମାଳ ସଦର ମହକୁମାରେ ଅବସ୍ଥିତ ସ୍ୱପ୍ନେଶ୍ୱର ଶିବ ମନ୍ଦିରର ଜାଗର ଯାତ୍ରା ଚଳିତ ବର୍ଷ ୫୨ ବର୍ଷ ରେ ପଦାର୍ପଣ କରିଛି ଓ ସଭାପତି ପ୍ରକାଶ ବିଶ୍ୱାଳ, ସମ୍ପାଦକ ସୁଶିଲ ସାହୁ ଓ କୋଷାଧକ୍ଷ ତ୍ରିନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପୂଜାରେ କର୍ତ୍ତା କର୍ତ୍ତ୍ରୀ ରୂପେ ହରିଶ୍ଚନ୍ଦ୍ର ବିଶ୍ୱାଳ ସପତ୍ନିକ ବସିଥିଲେ ଓ ଏ ଅବସରରେ ସଂକୀର୍ତ୍ତନ ଓ ଆତସବାଜି ର ଆୟୋଜନ କରାଯାଇଥିଲା ଓ ରିଆମାଳ ର ବଛା ବଛା କଳାକାର ମାନଙ୍କୁ ନେଇ ନିର୍ଦ୍ଦେଶକ ଶୁଭେନ୍ଦୁ ସାହୁ ଓ ସହ ନିର୍ଦ୍ଦେଶକ ବଦ୍ରି ନାରାୟଣ ଅଗ୍ରୱାଲାଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଆଖି 'ଲୁହକୁ ମୁଁ କରିଛି ସାଥି ' ନାଟକ ମଞ୍ଚସ୍ଥ ହୋଇଥିଲା ଯାହାକି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଓ ନାଟକ ମଞ୍ଚସ୍ଥ ପୂର୍ବରୁ ସ୍ଥାନୀୟ ବିଧାୟକ ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ଦୁର୍ଗା ପୂଜା କମିଟି ସଭାପତି ଆଡଭୋକେଟ ପ୍ରମୋଦ କୁମାର ନନ୍ଦ ଓ ରିଆମାଳ ପୁର୍ବତନ ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ ମଞ୍ଚାସୀନ ହୋଇ ନାଟକର ଶୁଭାରମ୍ଭ କରିବା ପାଇଁ ଶୁଭ ଅଭିବାଦନ ଜଣାଇଥିଲେ ।

# ଜଙ୍ଗଲି ହାତୀ ଉପଦ୍ରବ, ଗ୍ରିଲ୍ ଭାଙ୍ଗି ଧାନ ବସ୍ତା ନେଇଗଲା



ନୀଳଗିରି: ନୀଳଗିରି ଥାନା ଅନ୍ତର୍ଗତ ଔପଦା ବ୍ଲକ ବାଉଁସବଣୀଆ ପଞ୍ଚାୟତ ଅନ୍ତର୍ଗତ ରାଇପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବା ପାଇଁ ମିଳିଛି । ଅଧରତିରେ କୁଲଡ଼ିଆ ଜଙ୍ଗଲରୁ ଏକ ଜଙ୍ଗଲି ହାତୀ ଓହ୍ଲେଇ ଆସି ରାଇପୁର ଗ୍ରାମର ବନମାଳୀ ବିଶ୍ୱାଳ ଙ୍କ ବାରଣ୍ଡାରେ ପହଞ୍ଚିଥିଲା । ହଠାତ୍ ଜୋର୍ ରେ ଭଙ୍ଗିବା ଶବ୍ଦ ହେବାରୁ ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ । ଗ୍ରିଲ ପାଖକୁ ଯାଇ ଦେଖିଲା ବେଳକୁ ହାତୀଟି ଦୁଆର ଆଗରେ ଛିଡ଼ା ହେଇଛି । ପରିବାର ଲୋକେ ଭୟରେ ହାତୀଟିକୁ ଜୁହାର ହୋଇ ପାଲେଇଯିବା ପାଇଁ ନିବେଦନ କରିଥିଲେ । ମାତ୍ର ହାତୀଟି ଗ୍ରିଲ ଭାଙ୍ଗି ଧାନ ବସ୍ତା ଶୁଣ୍ଡରେ ନେଇଯିବାରେ ଦେଖିବା ପାଇଁ ମିଳିଛି । ଉକ୍ତ ଅଞ୍ଚଳ ଟି କୁଲଡ଼ିଆ ପାଦଦେଶରେ ହୋଇଥିବା ଯୋଗୁଁ ହାତୀ ମାନେ ଖାଦ୍ୟ ଅନୁସଣରେ ଗାଁ ଭିତରେ ପଶିଯାଇଛନ୍ତି । ଦେବଗିରି ପାଦଦେଶରେ ସୌର ବାଡ଼ ବସାଇବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

ସଂପାଦକୀୟ

# ସାମ୍ପ୍ରତିକ ସମୟବୋଧ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ। ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର। ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି। ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ। ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି।

**ଅତିଥି ସମ୍ପାଦକ**
**ଡ. ମନୋରଞ୍ଜନ ବିଷୋୟୀ**

ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି। ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ। ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ। ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି। ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି। ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି। ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର। ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି। ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି। ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ। ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା। ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର। ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ। ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି। ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ। ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ। ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା। କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ। ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ। ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା। ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା। କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ। ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି। ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି। ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ। ଗୋଟିଏ ଦିଗରେ ପରମ୍ପରାର ପୃଥବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି। କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ। ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ। ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି।

# ବିପ୍ଳବୀ ଜନନେତା ପର୍ଶୁରାମ ହରିଚ୍ଚନ୍ଦନ

ପୂଣ୍ୟତୋୟା ଭାରତରେ ଓଡ଼ିଶା, କଳା,ସାହିତ୍ୟ ଓ ସଂସ୍କୃତି ର ମହାନ ମିଳନ ସ୍ଥଳ।ନିଜସ୍ୱ ପ୍ରତିଭା ବଳରେ ଅନେକ ପ୍ରଥିତଯଶା ଓ ସିଦ୍ଧପୁରୁଷ ମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନ୍ମନେଇ ଏ ମାଟିକୁ ମହିମା ମଣ୍ଡିତ କରିଛନ୍ତି।ସେହିଭଳି ଜଣେ ତେଜସ୍ୱୀ ପୁରୁଷ ପର୍ଶୁରାମ ହରିଚ୍ଚନ୍ଦନ ଗମ୍ଭାରିମୁଣ୍ଡା ଅଞ୍ଚଳରେ ଜନ୍ମ ନେଇଥିଲେ।ତାଙ୍କ ସାହିତ୍ୟ ସାଧନା,ସମାଜସେବା,ରାଜନୈତିକ ମୂଲ୍ୟବୋଧ ଓ ସ୍ୱାଧିନତା ଆନ୍ଦୋଳନ ର ବାର୍ତ୍ତା ଅବିଭକ୍ତ ପୁରୀ ଜିଲ୍ଲା କୁ ଉଦଭାଷିତ କରିବା ସହିତ ସମଗ୍ର ଉତ୍କଳ କୁ ଉଦଭାଷିତ କରିଥିଲା।ବଣ ଜଙ୍ଗଲ ପରିବେଷ୍ଟିତ,ଅନ୍ଧାରି ମୂଳକ ଗମ୍ଭାରିମୁଣ୍ଡା ପାଇଁ ସେ ଥିଲେ ଆଲୋକବର୍ତ୍ତିକା।ବ୍ୟକ୍ତିଗତ ଜୀବନର ସୁଖ,ସ୍ୱାଚ୍ଛନ୍ଦ୍ୟ,ସାହିତ୍ୟ ସାଧନା ଓ ରାଜନୀତି କୁ ପଛରେ ପକାଇ ସେ ଏ ଅଞ୍ଚଳ ନିର୍ମାଣ ରେ ହେଲେ ବ୍ରତୀ। ଗମ୍ଭାରୀମୁଣ୍ଡା ପ୍ରାଥମିକ ସ୍କୁଲ,ମାଇନର ସ୍କୁଲ,ହାଇସ୍କୁଲ,ପୋଷ୍ଟ ଅଫିସ୍,କୋପରଟିଭ ସୋସାଇଟି,ଡ଼ାକ୍ତରଖାନା,ପଶୁ ଡ଼ାକ୍ତରଖାନ,ସୁନାଖଳା ଛକ ଠାରୁ ଆୟତପୁର ଛକ ପର୍ଯ୍ୟନ୍ତ ରାସ୍ତା ସବୁ ତାଙ୍କର ଅବଦାନ। ଗମ୍ଭାରିମୁଣ୍ଡା ଅଞ୍ଚଳ ର ସାମୂହିକ ବିକାଶ ପାଇଁ ଅଞ୍ଚଳ ର ଯୁବଗୋଷ୍ଠୀ ଙ୍କୁ ନେଇ ପର୍ଶୁରାମ ହରିଚ୍ଚନ୍ଦନ ଖଜୁରିଆ ଗ୍ରାମରେ ଏକ କ୍ଲବ ପ୍ରତିଷ୍ଠା କରିଥିଲେ,ଯାହାର ନାମ ରଖାଯାଇଥିଲା 'ଘକ୍ଟଭସ୍ୱରଭସ୍ୱର ଚବକ୍ସବୟସସ୍ୱର'। ଏହି କ୍ଲବ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜସେବା ସହ ଅଞ୍ଚଳ ର ସାମଗ୍ରିକ ବିକାଶ।ପରବର୍ତ୍ତୀ ସମୟରେ ଗମ୍ଭାରିମୁଣ୍ଡା ଠାରେ ତାଙ୍କ ନେତୃତ୍ୱରେ 'ଗାନ୍ଧୀ କୁଟୀର' ସ୍ଥାପନ ହୋଇଥିଲା।ସେହି ସମୟରେ ପର୍ଶୁରାମ ହରିଚ୍ଚନ୍ଦନ ଙ୍କ ନେତୃତ୍ୱରେ ଯୁବ ଅନୁଷ୍ଠାନ 'ପଲ୍ଲୀ ସଂସ୍କୃତି କଳା ପରିଷଦ' ଗଢ଼ି ଉଠିଥିଲା।ଏହି କଳା ପରିଷଦ କେବଳ ଯେ କଳା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ,ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବ କଳାକାର,ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ।ଗମ୍ଭାରିମୁଣ୍ଡା ଅଞ୍ଚଳର ଶିକ୍ଷାର,ସ୍ୱାସ୍ଥ୍ୟର,ରାସ୍ତାଘାଟରେ ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚେଷ୍ଟା ଚଳାଇଥିଲେ।ପର୍ଶୁରାମ ହରିଚ୍ଚନ୍ଦନ ସର୍ବ ପ୍ରଥମେ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତ ର?? ସରପଞ୍ଚ ଓ ପରବର୍ତ୍ତୀ ସମୟରେ ବାଣପୁର ବ୍ଲକ ର ଅଧକ୍ଷ ହେଲେ,ତା'ପରେ ପୁରୀ? ଜିଲ୍ଲା ପରିଷଦର ଉପସଭାପତି ହେଲେ।ବାଣପୁର ବ୍ଲକ ର ଅଧକ୍ଷ ଥିବାବେଳେ ବାଣପୁର ଅଞ୍ଚଳର ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ର ବିକାଶ ଓ ଉନ୍ନତି କରିଥିଲେ।ସେ ଜନସାଧାରଣଙ୍କ ସମସ୍ୟା ର ସମାଧାନ କରୁଥିଲେ। ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ୍ଚନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁ ଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁ ମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡା ଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର। ସେ ଅନେକ ନାଟକ ରଚ଼ନା କରିଥିଲେ। ସେହି ନାଟକ ମଧ୍ୟରେ 'ବିପ୍ଳବୀ କୃତ୍ତିବାସ','ଛିନାଙ୍ଗୀ','ଅଭିଶପ୍ତ ଦୁର୍ଗ', 'ଦିଗବିଜୟୀ କପିଳେନ୍ଦ୍ର'। ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମାଞ୍ଚ ସୃଷ୍ଟି କରେ। ବିପ୍ଳବୀ ବୀର କୃତ୍ତିବାସ ଙ୍କୁ ବିସ୍ମୃତ ଗର୍ଭରୁ ଆଲୋକକୁ ଆଣିବା, ଓଡ଼ିଆଜାତି ପାଇଁ ପର୍ଶୁରାମ ହରିଚ୍ଚନ୍ଦନଙ୍କର ସର୍ବଶ୍ରେଷ୍ଠ ଅବଦାନ।ଯଦି ପର୍ଶୁରାମ ହରିଚ୍ଚନ୍ଦନଙ୍କ ବଳିଷ୍ଠ ଲେଖନୀରୁ ନିସୃତ ଐତିହାସିକ ଗବେଷଣା ସମ୍ବଳିତ କୃତ୍ତିବାସଙ୍କ ଜୀବନୀ ସମ୍ପର୍କୀତ ନିବନ୍ଧ ୧୯୫୦ ମସିହା ଡ଼ିସେମ୍ବର ମାସର ଝଙ୍କାର ପତିକ୍ରାରେ ପ୍ରକାଶ ପାଇନଥାନ୍ତା,ହୁଏତ ଇତିହାସର ଅତଳ ଗର୍ଭରେ ଓଡ଼ିଆ ଜାତିର ଏହି ଅନନ୍ୟ ବୀର ଙ୍କ ରକ୍ତରଞ୍ଜିତ ଇତିହାସ ଚ଼ିର ଦିନ ପାଇଁ ସମାଧି ଲଭିଥାନ୍ତା। 'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ।କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା,ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ,ପର୍ଶୁରାମ ହରିଚ୍ଚନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା,ସାମାଜିକ ପରିଚ୍ଚିତ,ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ। ଦିନ ଯାଏ,ଚ଼ିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ,ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ,କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ। ସେହି ଯୁଗପୁରୁଷ ୧୯୭୭ ମସିହା ମଇ ୨୬ ତାରିଖ ରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ। ସେ ଏକାଧାରାରେ ଜଣେ ସୁସଂଗଠକ,ଯୋଗଜନ୍ମା। ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ,ନିସ୍ୱାର୍ଥପର ଜନସେବକ,ସୁପରାମର୍ଶଦାତା,ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରା ର ତେଜୋଦୀପ୍ତ ନକ୍ଷତ୍ର ପର୍ଶୁରାମ ହରିଚ୍ଚନ୍ଦନ ଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ।

ଲେଖକ- ବିଶ୍ୱବିଜୟୀ ଦାଶ
ଯୁବ ସ୍ତମ୍ଭକାର
ମୋବାଇଲ ନଂ- ୬୩୭୦୨୦୮୪୨୮

# ବିଶ୍ୱ ସ୍ତବ୍ଧ : ବନ୍ଧୁକ ନେଉଛି ଜୀବନ

ଅମେରିକାର ଏକ ବିଦ୍ୟାଳୟରେ ବର୍ବର ସଂହାର ଲୀଳା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଏକ ବିଦ୍ୟାଳୟରେ ଜଣେ ୧୮ ବର୍ଷୀୟ ଯୁବକ ଆଖିବୁଜା ଗୁଳି ଚଳାଇ ୧୯ଜଣ ଛୋଟ ପିଲାଙ୍କ ସମେତ ୨୧ଜଣଙ୍କ ଜୀବନ ନେଇଛି। ଚଳିତ ପାଞ୍ଚ ମାସ ମଧ୍ୟରେ ଏହା ଆମେରିକାରେ ୧୯୯ତମ ଗଣ ଗୁଳିକାଣ୍ଡ ମାମଲା। ୨୦୧୯ ପରଠାରୁ ଆମେରିକାରେ ୨୭୪ଟି ଗଣ ଗୁଳିକାଣ୍ଡ ହୋଇଛି। ଏହି ଘଟଣା କେବଳ ଆମେରିକା ନୁହେଁ ସମଗ୍ର ବିଶ୍ୱରେ ହଇଚଇ ଦେଖାଦେଇଛି। ୧୮୭୧ରେ ଆମେରିକାରେ ଗଠନ ହୋଇଥିଲା ନ୍ୟାସନାଲ ରାଇଫଲ ଆସୋସିଏସନ। ଯେଉଁଥିରେ ସଦସ୍ୟମାନେ ରାଇଫଲ ପରିଚାଳନା, ରାଇଫଲ ସୁରକ୍ଷା ଏବଂ ଅଭ୍ୟାସ କରୁଥିଷଲ। ତେବେ ୧୯୭୫ରେ ଏଥିରେ ଯୋଡ଼ି ହୋଇଥିଲା ଇନ୍‌ଷ୍ଟିଚ୍ୟୁଟ ଫର ଲେଜିସଲେଟିଭ ଆକସନ। ସେହିଭଳି ଏନଆରଏ ୧୯୬୮ରେ ତତ୍କାଳୀନ ରାଷ୍ଟ୍ରପତି ଲ୍ୟାନଡନ ବି ଜନସନଙ୍କର ଗନ କେଣ୍ଟ୍ରାଲ ଆକ୍ଟକୁ ସମର୍ଥନ ଜଣାଇଥିଲା। ଯାହାଫଳରେ କେତକେ ସଦସ୍ୟ ଗନ ରାଇଟସ୍ ଆକ୍ଟକୁ ସମର୍ଥନ କରିବା ଆରମ୍ଭ କରିଥିଲେ। ୧୯୭୭ରେ ଏଥିରେ ବିରାମ ଲାଗିଥିଲା। ୧୭୯୧ରେ ୟୁଏସ ସମ୍ବିଧାନରେ ଦ୍ୱିତୀୟ ସଂଶୋଧନ ନିୟମ ଆସିଥିଲା। ଯାହା ଅଧିନରେ ଆମେରିକାର ନାଗରିକମାନେ ନିଜ ପାଖରେ ବନ୍ଧୁକ ରଖିବା ନେଇ ନିୟମ ଲାଗୁ ହୋଇଥିଲା।

## ଆମେରିକାରେ ବନ୍ଧୁକ ଆଇନ

ଆମେରିକାରେ ବନ୍ଧୁକ ରଖିବାର ବିଭିନ୍ନ ନିୟମ ରହିଛି, ଯାହା ଏହାର ବନ୍ଧୁକ କିଣା ବିକା ଉପରେ ପ୍ରଭାବ ପକାଇଥାଏ। ଆମେରିକା ରାଜନୀତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ଆଇନ ଓ ଆକ୍ଟକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଥାଏ। ନ୍ୟାସନାଲ ଫାୟାରଆର୍ମ ଆକ୍ଟ : ୧୯୩୪ରେ ଗଠନ ହୋଇଥିବା ଆଇନ ହିସାବରେ ବିଭିନ୍ନ ଭାରୀ ବନ୍ଧୁକର ନିର୍ମାଣ, ଆମଦାନୀ, ରପ୍ତାନି ଉପରେ କର ନିର୍ଦ୍ଧାରିତ ହୋଇଥିଲା। ଫେଡେରାଲ ଫାୟାରଆର୍ମ ଆକ୍ଟ : ୧୯୩୮ରେ ଲାଗୁ ହୋଇଥିବା ଏହି ନିୟମ ଅଧିନରେ ସମସ୍ତ ବନ୍ଧୁକ ନିର୍ମାଣ, ରପ୍ତାନି ଏବଂ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ବାଧ୍ୟତାମୂଳକ ହୋଇଥିଲା। ଓମନିବସ୍ କ୍ରାଇମ କଣ୍ଟ୍ରୋଲ ଆଣ୍ଡ ସେଫ୍ଟିଷ୍ଟ୍ରିଟ ଆକ୍ଟ : ୧୯୬୮ରେ ଲାଗୁ ହୋଇଥିବା ଏହି ନିୟମରେ ୨୧ ବର୍ଷ ପୂର୍ବରୁ କେହି ହ୍ୟାଣ୍ଡଗନ ବା ହାତ ବନ୍ଧୁକ କିଣି ପାରିବେ ନାହିଁ। ଗନ କଣ୍ଟ୍ରୋଲ ଆକ୍ଟ : ଏହି ନିୟମ ମଧ୍ୟ ୧୯୬୮ରେ ଲାଗୁ ହୋଇଥିଲା। ଏହି ଆକ୍ଟରେ ମୁଖ୍ୟ ଭାବେ ଲାଇସେନ୍ସ ଥିବା ନିର୍ମାତା, ଡିଲର ଓ ଆମଦାନିକାରୀଙ୍କୁ ଛାଡ଼ି ଅନ୍ତରାଜ୍ୟ ହସ୍ତାନ୍ତରଣ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଫାୟାରଆର୍ମ ଓ୍ୱନରସ ପ୍ରୋଟେକସନ ଆକ୍ଟ : ୧୯୮୬ରେ ଲାଗୁ ହୋଇଥିବା ଏହି ଆକ୍ଟ ପୂର୍ବ ଗନ କଣ୍ଟ୍ରୋଲ ଆକ୍ଟକୁ ପରିବର୍ତ୍ତନ କରିଥିଲା। ଏହି ନିୟମ ଅନୁସାରେ ସାଧାରଣ ଲୋକଙ୍କର ଅଟୋମେଟିକ ଫାୟାରଆର୍ମ କିଣା ଉପରେ ପ୍ରତିବନ୍ଧକ ଲାଗିଥିଲା। ସେହିପରି ଅଟୋମେଟିକ ଫାୟାରଆର୍ମ ରପ୍ତାନି ପାଇଁ ଏଟିଏଫ ଅନୁମତି ଦରକାର ହୋଇଥାଏ। ଗନ ଫ୍ରି ସ୍କୁଲ ଜୋନ ଆକ୍ଟ : ୧୯୯୦ରେ ପାରିତ ହୋଇଥିବା ଏହି ଆକ୍ଟ ଅନୁସାରେ କୌଣସି ବି ବ୍ୟକ୍ତି ସ୍କୁଲ ଥିବା ଅଞ୍ଚଳରେ ବନ୍ଧୁକ ରଖି ପାରିବେ ନାହିଁ।

**- ସୌର ଚନ୍ଦ୍ର ମହାପାତ୍ର**

ପୃଥିବୀର ଯେତେ ବି ଦେଶ ଅଛି ସବୁଠାରୁ ଅଧିକ ବନ୍ଧୁକ ରହିଛି ଆମେରିକାରେ। ଏଠାରେ ମୁଣ୍ଡ ଓ ବନ୍ଧୁକ ଭିତରେ ଅନୁପାତ ଅଧିକା। ଏଠାରେ ବାସ କରୁଥିବା ନାଗରିକଙ୍କ ପାଖରେ ଅତି କମରେ ଗୋଟିଏ ୨୬୫ ଏମ ଫାୟାରଆର୍ମ ରହିଥାଏ। ଏହି ସଂଖ୍ୟା ଏତେ ଅଧିକା ଯେ ବିଶ୍ୱର ସବୁଠାରୁ ଅଧିକ ଲୋକ ଆମେରିକାରେ ହିଁ ରହିଛନ୍ତି ଯେଉଁମାନଙ୍କ ପାଖରେ ୨୬୫ଏମ୍ ଫାୟାରଆର୍ମ ରହିଛି। ଏହି ଆକଳନ ଅନୁପାତ ହିସାବରେ ପ୍ରତି ଜଣେ ଆମେରିକା ନାଗରିକ ପାଖରେ ଗୋଟିଏ ୨୬୫ଏମ୍ ଫାୟାରଆର୍ମ ରହିଛି। ରିପୋର୍ଟ ଅନୁଯାୟୀ ୨୨ରୁ ୩୧ ପ୍ରତିଶତ ଆମେରିକୀୟ ଯୁବବର୍ଗଙ୍କ ନିକଟରେ ବନ୍ଧୁକ ରହିଛି। ଅନ୍ୟ ଏକ ସର୍ଭେ ଅନୁସାରେ ୧୯୯୪ରେ ୬୫ ମିଲିଅନ ଲୋକଙ୍କ ପାଖରେ ହ୍ୟାଣ୍ଡଗନ ଥିବାବେଳେ ଏହି ସଂଖ୍ୟା ୨୦୧୫ରେ ବଢ଼ି ୧୧୧ ମିଲିଅନରେ ପହଞ୍ଚିଥିଲା। ଏହି ସଂଖ୍ୟା ପାଖାପାଖି ୭୧ ପ୍ରତିଶତ ବଢ଼ିଥିବା ବେଳେ ପ୍ରତିଦିନ ଏହା ବଢ଼ିବାରେ ଲାଗିଛି। ସେହିଭଳି ୧୯୯୪ରେ ପାଖାପାଖି ୪୨ ପ୍ରତିଶତ ପୁରୁଷ ବନ୍ଧୁକ ରଖୁଥିବା ବେଳେ ମାତ୍ର ୯ ପ୍ରତିଶତ ମହିଳାଙ୍କ ପାଖରେ ବନ୍ଧୁକ ରହୁଥିଲା। ହେଲେ ୨୦୧୫ରେ ପୁରୁଷଙ୍କ ପ୍ରତିଶତ କମି ୩୨ ପ୍ରତିଶତକୁ ଆସିଥିବାବେଳେ ମହିଳାଙ୍କର ବଢ଼ି ୧୨ ପ୍ରତିଶତକୁ ଯାଇଛି।

ଆମେରିକାରେ ବନ୍ଧୁକ ସାହାଯ୍ୟରେ ଅନେକ ହତ୍ୟା ହୋଇଥାଏ। ୨୦୨୦ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୪୩ ପ୍ରତିଶତ ଲୋକ ବନ୍ଧୁକ ଗୁଳିରେ ମରିଛନ୍ତି। ସିଡିସିର ତଥ୍ୟ ଅନୁସାରେ ଏହି ସଂଖ୍ୟା ୧୯,୩୮୪। ଏହି ସଂଖ୍ୟା ୨୦୧୯ ତୁଳନାରେ ୪୩ ପ୍ରତିଶତ ବଢ଼ିଥିବା ଜଣାପଡ଼ିଛି। ସେହିଭଳି ପୂର୍ବ ବର୍ଷ ଅପେକ୍ଷା ଏହା ୭୫ ପ୍ରତିଶତ ବଢ଼ିଛି। ପ୍ରତିଦିନ ଆମେରିକାରେ ପାଖାପାଖି ୫୩ ଜଣ ଫାୟାର ଆର୍ମରେ ମରୁଥିବା ଆକଳନ କରାଯାଇଛି। ସେହିଭଳି ଏହି ତଥ୍ୟ ଅନୁସାରେ ପ୍ରାୟ ୭୯ ପ୍ରତିଶତ ହତ୍ୟା ବନ୍ଧୁକରେ ହିଁ ହୋଇଥାଏ। ରିପୋର୍ଟ ଅନୁସାରେ ଆମେରିକାରେ ୫୦ ବର୍ଷ ପୂର୍ବେ ୯କୋଟି ବନ୍ଧୁକ ଥିଲା। କିନ୍ତୁ ୨୦୧୯ ଜାନୁଆରୀରୁ ୨୦୨୧ ଏପ୍ରିଲ ମଧ୍ୟରେ ବନ୍ଧୁକ ରଖୁଥିବା ଯୁବ ବର୍ଗଙ୍କ ସଂଖ୍ୟା ବଢ଼ିଛି। ଏକ ରିପୋର୍ଟ ଅନୁଯାୟୀ ସେହି ସମୟରେ କେବଳ ୭୫ ଲକ୍ଷ ପ୍ରାପ୍ତ ବୟସ୍କ ବନ୍ଧୁକ ରଖିବାକୁ ଲାଇସେନ୍ସ ହାସଲ କରିଛନ୍ତି।

ଓଡ଼ିଶାରେ ବିଶେଷକରି କଟକ ଭୁବନେଶ୍ୱର ଦ୍ୱୈତ ନଗରୀରେ ଦିନକୁ ଦିନ ଚୋରା ବନ୍ଧୁକର କାରବାର ବଢ଼ି ଚାଲିଛି। ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗରୁ ନିୟମିତ ଭାବେ ଉଦ୍‌ବେଗଜନକ ଭାବେ ଚୋର ବନ୍ଧୁକର କାରବାର ବଢୁଥିବାବେଳେ ଅସାମାଜିକ ତତ୍ତ୍ୱ ବଢ଼ିଚାଲିଛି। ଏ ନେଇ ପ୍ରଶାସନ ଓ ପୋଲିସ ନିୟମିତ, ତତ୍କାଳ ଓ ଦୂରଦୃଷ୍ଟି ସମ୍ପନ୍ନ ଚଢ଼ାଉ କରି ଏହା ଉପରେ ରୋକ ଲଗାଇବା ଅତ୍ୟନ୍ତ ଜରୁରୀ। ସେହିପରି ବନ୍ଧୁକ ଲାଇସେନ୍ସ ଦେବାବେଳେ ଆବେଦନକାରୀଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬

# ଭଲ ହୁଅ ଏବଂ ଭଲ ଦେଖ

**ରାଜ କିଶୋର ମିଶ୍ର**

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତୀରେ ସଦା ପ୍ରଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣ ଯେ ଆଲୋକ ଯେତେ ବେଳେ ଉଭେଇ ଯାଏ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେ ବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମ ପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦର୍ମତି ସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତାପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେ ହେଲେ ଭଲ ଲୋକ ତାଙ୍କ ଦୃଷ୍ଟି ଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦ ଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରିକରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣ ଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷ ଗୁଡ଼ିକ ଖାଲି ବାଛି ବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣ ଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣ ଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହୁଅ ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବ, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟ ମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରି ପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରି ପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ
ଦୂରଭାଷ : ୭୦୦୮୧୮୧୮୨୦

## ୫୦ ବର୍ଷ ପରେ ମଧ୍ୟ ଚନ୍ଦ୍ରପୃଷ୍ଠରେ ଅକ୍ଷୁଣ୍ଣ ରହିଛି ଆର୍ମଷ୍ଟ୍ରଙ୍ଗ ଓ ଆଲଡ୍ରିନ୍‌ଙ୍କ ପାଦଚିହ୍ନ

ଆମେରିକୀୟ ମହାକାଶଯାନ ଆପୋଲୋ-୧୧ରେ ଚନ୍ଦ୍ର ଅଭିଯାନ କରିଥିବା ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ୧୯୬୯ ଜୁଲାଇ ୨୦ରେ ଚନ୍ଦ୍ରପୃଷ୍ଠରେ ପଦଚାରଣ କରିଥିଲେ। ତେବେ ତାଙ୍କର ଏହି ଐତିହାସିକ ଉପଲବ୍ଧିର ଦୀର୍ଘ ୫୦ ବର୍ଷ ପରେ ମଧ୍ୟ ଚନ୍ଦ୍ରପୃଷ୍ଠରେ ତାଙ୍କ ପଦଚିହ୍ନଗୁଡ଼ିକ ସେମିତି ଅକ୍ଷୁଣ୍ଣ ରହିଛି। ନିକଟରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ସେଇ ପଦଚିହ୍ନ ସମ୍ବଳିତ ଚନ୍ଦ୍ରପୃଷ୍ଠର ସଦ୍ୟ ଉତ୍ତୋଳିତ ଫଟୋ ପ୍ରକାଶ କରାଯାଇଛି। 'ନାସା'ର ମହାକାଶଯାନ 'ଲୁନାର ରିକନ୍ନାଇସାନ୍ସ ଅର୍ବିଟର' ଦ୍ୱାରା ଉତ୍ତୋଳନ କରାଯାଇଥିବା ଏହି ଫଟୋ ସମୂହରେ ଆର୍ମଷ୍ଟ୍ରଙ୍ଗ ଓ ତାଙ୍କ ପରେ ସହଯାତ୍ରୀ ଏଡ୍ୱିନ୍ ଆଲଡ୍ରିନ୍ ମଧ୍ୟ ସେଠାରେ ବିଚରଣ କରିଥିବା ପଦଚିହ୍ନଗୁଡ଼ିକ ସ୍ପଷ୍ଟ ଭାବେ ଜଣାପଡୁଛି। ଏଥି



ସହିତ ଆଉ ଏକ ବିଶେଷ ସ୍ମାରକୀ ମଧ୍ୟ ସେଠାରେ ଅକ୍ଷତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଆର୍ମଷ୍ଟ୍ରଙ୍ଗ ଓ ସାଥୀ ମହାକାଶଚାରୀ ସେଠାରୁ ମୃତ୍ତିକା ସଂଗ୍ରହ ପରେ ସାଙ୍ଗରେ ନେଇଥିବା ଏକ ଫଳକକୁ ସେଠାରେ ପୋତିଥିଲେ। ସେଥିରେ ଲେଖାଥିଲା, 'ପୃଥିବୀରୁ ଆସିଥିବା ମାନବ ଏଠାରେ ୧୯୬୯ ଜୁଲାଇରେ ପ୍ରଥମେ ପାଦ ଥାପିଲେ। ସମଗ୍ର ମାନବଜାତିର ଶାନ୍ତି କାମନା କରି ଆମେ ଏଠାକୁ ଆସିଛୁ।' ଅଦ୍ୟାବଧି ଉକ୍ତ ଫଳକ ସମେତ ସେଥିରେ ଲେଖାଥିବା ବାର୍ତ୍ତା ମଧ୍ୟ ସେମିତି ଅକ୍ଷୁଣ୍ଣ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଚନ୍ଦ୍ରର ବାୟୁମଣ୍ଡଳ ନଥିବାରୁ ସେଠାରେ ଧୂଳିଝଡ଼ର ଆଶଙ୍କା ନାହିଁ। ସେହିପରି ସେଠାରେ ଜଳ ନଥିବାରୁ ଜଳୀୟବାଷ୍ପ ଜନିତ ବର୍ଷା କି ଜଳସ୍ରୋତର ଉପଦ୍ରବ ମଧ୍ୟ ନାହିଁ। ସୁତରାଂ ମହାକାଶଚାରୀଙ୍କ ପଦଚିହ୍ନ ସମେତ ଉକ୍ତ ସ୍ମାରକୀ ଫଳକ ଅକ୍ଷତ ରହିଛି।

## ଅନନ୍ୟାଙ୍କୁ କିସ୍ କଲେ ବିଜୟ, ଛାଡି ଚାଲିଗଲେ ରଣବୀର




ଫିଲ୍ମ 'ଲାଇଗର' ଟିମ୍ ପାଇଁ ଏକ ବିଶେଷ ଦିନ ଥିଲା। ଫିଲ୍ମର ଟ୍ରେଲର ଏକ ବଡ଼ ଆକାରରେ ରିଲିଜ୍ କରାଯାଇଛି। କହିବାକୁ ଗଲେ ଏହାର ଟ୍ରେଲର କେବଳ ଗୋଟିଏ ନୁହେଁ ହାଇଦ୍ରାବାଦ ଏବଂ ମୁମ୍ବାଇର ୨ଟି ସହରରେ ରିଲିଜ୍ ହୋଇଛି। ମୁମ୍ବାଇରେ ହୋଇଥିବା ଏହି ଇଭେଣ୍ଟ ଅତ୍ୟନ୍ତ ଚମତ୍କାର ଥିଲା। କାରଣ ଏଥିରେ ରଣବୀର ସିଂ ଆସିଥିଲେ। ରଣବୀର ଯେଉଁଠାରେ ଥାଆନ୍ତି, ସେଠାରେ ମଜା ଏବଂ ମସ୍ତି ଧମାଲ୍ ହୋଇଥାଏ। ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଯେଉଁଥିରେ ବିଜୟ ଓ ଅନନ୍ୟାଙ୍କ ସହ ଏପରି କିଛି କରିଛନ୍ତି। ଯାହାକୁ ଦେଖି ରଣବୀରଙ୍କୁ ବହୁତ ଖରାପ ଲାଗିଛି ଏବଂ ଷ୍ଟେଜ୍ ଛାଡିକି ଚାଲିଯାଇଛନ୍ତି। ବର୍ତ୍ତମାନ ଆପଣ ଭାବୁଥିବେ ହେଲେ ତା ପୂର୍ବରୁ ହିଁ ହଙ୍ଗାମା ହୋଇଯାଇଛି। ବାସ୍ତବରେ, ଏହି ତିନି କଳାକାର ଷ୍ଟେଜ୍ ଉପରେ ଫିଲ୍ମର ଗୀତରେ ନାଚୁଥିବା ବେଳେ ରଣବୀର ପ୍ରଥମେ ବିଜୟଙ୍କ ସହ ଡ୍ୟାନ୍ସ ଷ୍ଟେପ କରନ୍ତି। ତା'ପରେ ଅନନ୍ୟା ମଧ୍ୟ ଆସନ୍ତି ଏହି ସମୟରେ ବିଜୟ ଅନନ୍ୟାଙ୍କ ଗାଲ୍‌ରେ କିସ୍ କରି ଦିଅନ୍ତି। ଏହା ଦେଖି ରଣବୀର ବିଜୟଙ୍କୁ ଆଙ୍ଗୁଠି ଉଠାଇ ମଜା କରି ମଞ୍ଚ ଛାଡି ଚାଲି ଯାଆନ୍ତି। ୟୁଜର୍ସ ଏହି ଭିଡିଓକୁ ଦେଖି ଖୁବ୍ ପସନ୍ଦ କରୁଛନ୍ତି। ଲାଇଗର୍ ଫିଲ୍ମ ବିଷୟରେ କହିବାକୁ ଗଲେ ବିଜୟ ଏହି ଫିଲ୍ମ ମାଧ୍ୟମରେ ବିଜୟ ବଲିଉଡରେ ଡେବ୍ୟୁ କରିଛନ୍ତି। ସେ ଏଥିରେ ଜଣେ ବକ୍ସର ଭୂମିକାରେ ଅଭିନୟ କରୁଥିବା ବେଳେ ବିପକ୍ଷରେ ନଜର ଆସିବେ ଅନନ୍ୟା। ବର୍ତ୍ତମାନ ଏହି ଟ୍ରେଲରକୁ ଦେଖି ୟୁଜର୍ସଙ୍କୁ ବହୁତ ପ୍ରଶଂସା କରୁଛନ୍ତି। କେବଳ ଏତିକି ନୁହେଁ, ଟ୍ରେଲର ରିଲିଜ ହେବା ମାତ୍ରେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କଲାଣି। ୨୫ ଅଗଷ୍ଟରେ ହିନ୍ଦୀ, ତାମିଲ, ମାଲାୟାଲମ୍, କନ୍ନଡ ଏବଂ ତେଲୁଗୁ ଭାଷାରେ ରିଲିଜ୍ ହେବ।

## ଇଣ୍ଡୋନେସିଆରେ ବିଷ୍ଣୁଙ୍କ ସର୍ବୋଚ୍ଚ ମୂର୍ତ୍ତି



ପୃଥିବୀର ସବୁଠାରୁ ଉଚ୍ଚତମ ବିଷ୍ଣୁ ମୂର୍ତ୍ତି ଇଣ୍ଡୋନେସିଆରେ ରହିଛି। ଏହା ଏତେ ବିଶାଳ ଯେ, ମୂର୍ତ୍ତିଟିର ଉଚ୍ଚତା ୪୦୦ ଫୁଟ, ଓସାର ୨୧୭ଫୁଟ ରହିଛି। ଏହାକୁ ତମ୍ବା ଓ ପିତଳରେ ନିର୍ମାଣ କରାଯାଇଛି। ଏହାକୁ ନିର୍ମାଣ କରିବା ପାଇଁ ୨୫ ବର୍ଷରୁ ଅଧିକ ସମୟ ଲାଗିଛି। କୁହାଯାଏ ୧୯୭୯ରେ ଇଣ୍ଡୋନେସିଆର ମୂର୍ତ୍ତିକାର ବପ୍ପା ନ୍ୟୁମନ୍ ନୁଆର୍ତ୍ତା ସବୁଠାରୁ ବିଶାଳ ମୂର୍ତ୍ତି ତିଆରି କରିବା ପାଇଁ ସ୍ୱପ୍ନ ଦେଖିଥିଲେ। ଏହାକୁ ସାକାର କରିବା ପାଇଁ ଏକ କମ୍ପାନି ମଧ୍ୟ ତିଆରି କରାଯାଇଥିଲା। ଶେଷରେ ୧୯୯୩ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଜୁଲାଇ,୨୦୧୮ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ବାଲି ଦ୍ୱୀପର ଉଙ୍ଗାସନରେ ଏହି ମୂର୍ତ୍ତିକାରଙ୍କୁ ତାଙ୍କ ପରିଶ୍ରମ ପାଇଁ ସମ୍ମାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

## ହ୍ୱିସିଲ ମାରି ଡାକନ୍ତି ଲୋକେ

ପୃଥିବୀରେ ଅନେକ ଗାଁ ରହିଛି ଯାହା ସେମାନଙ୍କର କିଛି ବିଶେଷତ୍ୱକୁ ନେଇ ପରିଚୟ ପାଇଛନ୍ତି। ସେମିତି ଏକ ଗାଁ ହେଉଛି ମେଘାଳୟର କାଙ୍ଗଥାଙ୍ଗ ଗାଁ। ଏହି ଗାଁର ବିଶେଷତ୍ୱ ହେଉଛି ଯେ, ଏଠି କେହି କାହାକୁ ନାମ ଧରି ଡାକନ୍ତି ନାହିଁ ବରଂ ହ୍ୱିସିଲ୍ ମାରି





ଡାକନ୍ତି। ତେଣୁ ଉକ୍ତ ଗାଁ ହ୍ୱିସିଲିଂ ଭିଲେଜ୍ ନାମରେ ପରିଚିତ। ଏଠି ଭିନ୍ନ ଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ଟ୍ୟୁନ୍‌ରେ ହ୍ୱିସିଲ୍ ମାରି ଡକାଯାଏ। ତେବେ ଏଭଳି ହ୍ୱିସିଲ୍ ମାରିବା ପଛରେ ଏକ ସ୍ୱତନ୍ତ୍ର କାହାଣୀ ରହିଛି। କାହାଣୀ ଅନୁସାରେ ଗାଁର ଜଣେ ବ୍ୟକ୍ତି ଶତ୍ରୁଙ୍କଠାରୁ ଜୀବନ ବଞ୍ଚାଇ ଦୌଡ଼ିବା ସମୟରେ ଏକ ଗଛ ଉପରେ ଚଢ଼ି ଯାଇଥିଲେ। ଆଉ ସହାୟତା ଲାଗି ସେ ନିଜ ବନ୍ଧୁମାନଙ୍କୁ ଜଙ୍ଗଲୀ ସ୍ୱର ବାହାର କରି ଡାକିଥିଲେ। ଯାହାକୁ ତାଙ୍କ ବନ୍ଧୁମାନେ ବୁଝିପାରିଥିଲେ ଓ ତାଙ୍କୁ ବଞ୍ଚାଇଥିଲେ। କୁହାଯାଏ ଏହାପରଠାରୁ ଲୋକେ ସିଟିଦ୍ୱାରା ଭାବର ଆଦାନ ପ୍ରଦାନ କରି ଆସୁଛନ୍ତି। ଲୋକେ ସାଧାରଣ ନାମରେ ନ ଡାକି ଅଲଗା ଅଲଗା ପ୍ରକାର ହ୍ୱିସିଲିଂ ଟ୍ୟୁନ୍‌ରେ ଡାକିଥାନ୍ତି। ଏହି ଗାଁରେ ପିଲାଟିଏ ଜନ୍ମ ହେଲେ ପ୍ରଥମରୁ ଏକ ସ୍ୱତନ୍ତ୍ର ହ୍ୱିସିଲିଂ ଟ୍ୟୁନ୍ ଦିଆଯାଇଥାଏ। ଏଠାରେ ୧୦୯ ପରିବାର ଓ ୬୨୭ ଲୋକ ବସବାସ କରିଥାନ୍ତି।

## ୨୪ ଇଞ୍ଚର ଶିଶୁ



ଆମେରିକାର ଲୁସିଆନାରେ ଜଣେ ଶିଶୁ କନ୍ୟାର ଉଚ୍ଚତା ତା'ର ମା' ବାପାଙ୍କ ଚିନ୍ତା ବଢ଼ାଇଛି। ୨ ବର୍ଷୀୟ ଏହି ଶିଶୁର ଉଚ୍ଚତା ୨୪ ଇଞ୍ଚ ପର୍ଯ୍ୟନ୍ତ ବଢ଼ିବ ବୋଲି ଡାକ୍ତର କହିବା ପରେ ସେମାନେ ବ୍ୟସ୍ତ ହେଉଛନ୍ତି। ଶିଶୁଟି ଡ୍ୱାର୍ଫିଜମ୍ ନାମକ ରୋଗରେ ପୀଡ଼ିତ। ଏହି ରୋଗ ଯୋଗୁ ବ୍ୟକ୍ତିର ଉଚ୍ଚତା ବଢ଼େ ନାହିଁ। ସେ ବାମନ ହୋଇ ରହେ। ଶିଶୁର ନାଁ ଅବିଗେଲ୍। ତା'ର ଓଜନ ମାତ୍ର ୩.୧୮ କିଲୋ। ଡାକ୍ତରଙ୍କ କହିବା ଅନୁସାରେ ଅବିଗେଲ୍ ମାଇକ୍ରୋସେଫାଲିସ୍ ନାମକ ବିରଳ ରୋଗରେ ମଧ୍ୟ ପୀଡ଼ିତ। ସେଥିପାଇଁ ସେ ମାତ୍ର ୨୪ ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରିବ। ଜନ୍ମ ସମୟରେ ସେ ୧ କିଲୋ ୧୬ ଗ୍ରାମ୍ ଥିଲା। ଦିନକୁ ସେ ମାତ୍ର ୨ ଗ୍ରାମ୍ ବଢୁଛି। ଏ ନେଇ ବାପା ମା' ଖୁବ୍ ଚିନ୍ତାରେ ଅଛନ୍ତି। ଅବିଗେଲ୍ ସୁସ୍ଥ, କିନ୍ତୁ ଅନେକ ସମସ୍ୟା ମଧ୍ୟରେ ଗତିକରୁଛି। ସେ ଚାଲିପାରୁନି, ଗୁରୁଣ୍ଡି ଗୁରୁଣ୍ଡି ଚାଲୁଛି। ତା'ର ଦୃଷ୍ଟିଶକ୍ତି ମଧ୍ୟ ବହୁତ ଖରାପ।

ବଲିଉଡର ପପୁଲାର କପଲ୍ ଅଭିନେତା ଭିକି କୌଶଳ ଏବଂ କ୍ୟାଟ୍ରିନା କୈଫ। ସଲମାନଙ୍କ ପରେ ଏବେ ଏହି କପଲ୍‌ଙ୍କୁ ମିଳିଛି ଜୀବନରୁ ମାରିଦେବାକୁ ଧମକ। କ୍ୟାଟ୍ରିନା ଏବଂ ଭିକିଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ମିଳିଛି ହତ୍ୟା ଧମକ। ଏହି ଖବର ଶୁଣିବା ପରେ ତାଙ୍କ ଫ୍ୟାନ୍ସ ଚିନ୍ତାରେ ପଡ଼ିଯାଇଛନ୍ତି। ତେବେ ମିଡିଆ ରିପୋର୍ଟ ଅନୁଯାୟୀ ମୁମ୍ବାଇ ପୋଲିସ୍ ଏହି ମାମଲାର ତଦନ୍ତ ଆରମ୍ଭ କରି ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏବେ ହତ୍ୟା ଧମକ କିଏ ଏବଂ କାହିଁକି ଦେଇଛି ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। କହିବାକୁ ଗଲେ ଉଭୟ କଳାକାର ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍ ରହିଥାନ୍ତି। ପ୍ରଶଂସକଙ୍କ ପାଇଁ ସେମାନଙ୍କର ପର୍ସନାଲଠାରୁ ଆରମ୍ଭ କରି ପ୍ରଫେସନାଲ ଯାଏଁ ଏବଂ ଫଟୋ ଏବଂ ଭିଡିଓ ସେୟାର କରନ୍ତି। ଦୀର୍ଘ ସମୟ ଧରି ରିଲେସନସିପ୍‌ରେ ରହିବା ପରେ ଦୁହେଁ ବିବାହ କରିଥିଲେ। କହିବାକୁ ଗଲେ ନିକଟରେ କ୍ୟାଟ୍ରିନା ତାଙ୍କ ଜନ୍ମଦିନ ପାଳନ କରିବା ପାଇଁ ଭିକିଙ୍କ ସହ ମାଲଦ୍ୱୀପ ଯାଇଥିଲେ।

## କ୍ୟାଟ୍ରିନା- ଭିକିଙ୍କୁ ହତ୍ୟା ଧମକ



## ପିପୁଲସ କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ




ବୁଗୁଡା, ୧/୩ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲସ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଫେବୃୟାରୀ ୨୮ ତାରିଖ ଦିନ ଉଦଘାଟିତ ହୋଇଯାଇଛି। ଏହି ଆଠ ଦିନର ଆତ୍ମ ସୁରକ୍ଷା ତାଲିମ ଶିବିରର ପ୍ରଥମ ଦିବସରେ କଲେଜର ପ୍ରିନ୍ସିପାଲ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରି ତାଲିମ ଦାତ୍ରୀ ଯେଉଁ ସବୁ କୌଶଳ ବିଷୟରେ ତାଲିମ ଦେବେ ତାହାକୁ ସମସ୍ତ ଛାତ୍ରୀ ଉତ୍ତମ ଭାବେ ଶିକ୍ଷା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଅଧ୍ୟାପକ ଡକ୍ଟର ହିମାଂଶୁ ଶେଖର ରଥ, +୩ କ୍ରୀଡା ସଙ୍ଘ ଉପସଭାପତି ଅଧ୍ୟାପକ ସୁଶାନ୍ତ କୁମାର ସାହୁ, +୨ କ୍ରୀଡା ସଙ୍ଘ ଉପସଭାପତି ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ ଓ ପିଇଟି କ୍ରୀଷ୍ଣା ରାଓ ପାତ୍ର ଯୋଗଦେଇ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଆତ୍ମ ସୁରକ୍ଷା ତାଲିମ ଶିବିରର ସଂଯୋଜିକା ଅଧ୍ୟାପିକା ଅନିତା ଦେବୀ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ପୂଜାରାଣୀ ସ୍ୱାଇଁ ଯୋଗଦେଇ ଫେବୃୟାରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ତାଲିମ ଶିବିରରେ ଛାତ୍ରୀମାନଙ୍କୁ ୮ ଦିନ ପର୍ଯ୍ୟନ୍ତ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିବେ। + ୩ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସାଗରିକା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଶେଷରେ ସଂଯୋଜିକା ଅଧ୍ୟାପିକା ଅନିତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଣିତରାରେ ଜନ ଆରୋଗ୍ୟ ସମିତିର ଦ୍ୱିତୀୟ ବୈଠକ

ବୁଗୁଡା ୧/୩ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସି.ଏଚ୍.ସି) ଅଧିନସ୍ଥ କରୁଣା ଟ୍ରଷ୍ଟ ପରିଚାଳିତ ମାଣିତରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)ର ଜନ ଆରୋଗ୍ୟ ସମିତିର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ବୈଠକ ଫେବୃଆରୀ ୨୮ ତାରିଖ ଦିନ ମେଡ଼ିକାଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜନ ଆରୋଗ୍ୟ ସମିତିର ସଭାପତି ୪୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଚିକିତ୍ସକ ଡାକ୍ତର ଦୟାନିଧି ରାଉତ , ଆୟୁଷ ମେଡ଼ିକାଲ ଅଫିସର ଡାକ୍ତର ଦୁର୍ଗା ପ୍ରସାଦ ବିଶ୍ୱାଳ, ମାଣିତରା ସମିତି ସଭ୍ୟ ଜୟଦେବ ପ୍ରଧାନ, ଅନିଲ କୁମାର ମହାରଣା, ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରିନ୍ସପାଲ ଅନୁପ କୁମାର ପଣ୍ଡା, ଅଧାପକ ଦିଲ୍ଲିପ କୁମାର ଆଚାର୍ଯ୍ୟ, ଜୟଦେବ ରାଉତ, ଟେକିନିସିଆନ୍ କାଳୀ ପ୍ରସାଦ ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ କୃଷ୍ଣପ୍ରୀୟା ପଣ୍ଡା, ଷ୍ଟାପନର୍ସ ଗଙ୍ଗା ସାହାଣୀ, ଗାଁ କଲ୍ୟାଣ ସମିତିର ସଂଯୋଜକ ଚିତ୍ତରଞ୍ଜନ ପ୍ରଧାନ, ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଏଏମ ସଞ୍ଜୟ ବରାଡ଼, ଏମଆରଏ ସୌମ୍ୟ ରଞ୍ଜନ ଦାଶ, ପିଏଚଇଓ ରଜନୀ କୁମାରୀ ପୃଷ୍ଟି, ମାଣିତର ଏଏନଏମ ପ୍ରତିମା ସ୍ୱାଇଁ, ଓ ଗୋଳାବନ୍ଧ କମ୍ୟୁନିଟି ହେଲଥ ଅଫିସର ଶ୍ରଦ୍ଧାଞ୍ଜଳି ପଣ୍ଡା ଯୋଗଦେଇଥିଲେ। ପ୍ରଥମେ ପୂର୍ବ ସଭାର ବିବରଣୀ ପଠନ ହୋଇ ଗୃହୀତ ହେବାପରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ମେଡ଼ିକାର ନୂତନ ଗର୍ଭବତୀ ଓ ପ୍ରସୁତିଙ୍କ ଚିକିତ୍ସା ଭବନକୁ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଥିଲା। ମେଡ଼ିକାଲର ସମସ୍ତ କର୍ମଚାରୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।



## ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ନୂଆବର୍ଷର ପ୍ରଥମ ବୈଠକ

ବୁଗୁଡା ୧/୩ (ନି.ପ୍ର): ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ନୂଆବର୍ଷ ୨୦୨୫ର ପ୍ରଥମ ବୈଠକ ଭଞ୍ଜନଗର ବନବିଭାଗ ଡାକ ବଙ୍ଗଳାରେ ମାସର ପ୍ରଥମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାୟୀ ସଭାପତି ବରିଷ୍ଠ ଅଧିବକ୍ତା ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ବିପ୍ରଚରଣ ସାହୁଙ୍କ ଧର୍ମପତ୍ନୀ ପୂର୍ଣ୍ଣବାସୀ ସାହୁ ଓ ବର୍ଷୀୟାନ ସଦସ୍ୟ ଶରତ ଚନ୍ଦ୍ର ପଟନାୟକଙ୍କ ବିୟୋଗରେ ଦୁଇ ମିନଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାପତି ଶ୍ରୀ ନାୟକ ଉପସ୍ଥିତ ସଦସ୍ୟମାନଙ୍କୁ ନବବର୍ଷ ର ଅଭିନନ୍ଦନ ଜଣାଇ ତାଙ୍କ ପରିବାର ବର୍ଗଙ୍କ ଶୁଭ କାମନା କରିଥିଲେ। ନୂତନ ସଦସ୍ୟ ବି. ରାମଚନ୍ଦ୍ର ପାତ୍ରଙ୍କୁ ପରିଚୟ ପତ୍ର ପ୍ରଦାନ କରି ମଞ୍ଚକୁ ସ୍ୱାଗତ କରିଥିଲେ। ଆସନ୍ତା ୧୯ ତାରିଖରେ ବାର୍ଷିକ ସମ୍ମିଳନୀ ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହେବାକୁ ଠିକ କରାଗଲା। ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ପ୍ରଦ୍ୟୁମ୍ନ ନାୟକଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବାକୁ ସ୍ଥିର ହେଲା। ମଞ୍ଚ ପରିବାରରୁ ବ୍ରଜ ଗୋପାଳ ମହାରଣା ଓ ମାଗୁଣି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର ହେଲା। ବ୍ରଜଗୋପାଳ ମହାରଣା ଧନ୍ୟବାଦ ଅର୍ପଣ କରିବା ପରେ ସଭାପତି ବୈଠକ ସାଙ୍ଗ ଘୋଷଣା କରିଥିଲେ।

## ପୋଲସରା ରତନୀ ଲଜରୁ ରବୀନ୍ଦ୍ର କୁମାର ଭଞ୍ଜଦେଓ ଙ୍କ ମୃତ ଶରୀର ଉଦ୍ଧାର

ପୋଲସରା ୧/୩ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ଥାନା ଅନ୍ତର୍ଗତ ପୋଲସରା ବସଷ୍ଟାଣ୍ଡ ନିକଟସ୍ଥ ରତନୀ ଲଜରୁ ପୋଲସରା ଥାନା ଅନର୍ଗତ ସୋଡ଼କ ଗ୍ରାମର ରବୀନ୍ଦ୍ର କୁମାର ଭଞ୍ଜଦେଓ (୫୦)ଙ୍କ ମୃତ ଶରୀର ପୋଲସରା ପୋଲିସ ଫେବୃୟାରୀ ୨୭ ତାରିଖ ସନ୍ଧ୍ୟାରେ ଜବତ କରିଥିବା ଜଣାପଡ଼ିଛି। ରତନୀ ଲଜରେ ପୋଲସରା ପୋଲିସ ସ୍ୱର୍ଗତ ରବୀନ୍ଦ୍ର କୁମାର ଭଞ୍ଜଦେଓଙ୍କ ଚିହ୍ନଟ ପରେ ପୋଲିସ ତାଙ୍କ ପରିବାରକୁ ଖବର ଦେଇଥିଲେ। ଖବର ପାଇ ମୃତ ରବୀନ୍ଦ୍ରଙ୍କ ସାନଭାଇ ଚିତ୍ତରଞ୍ଜନ ଭଞ୍ଜଦେଓ ରତନୀ ଲଜରେ ପହଞ୍ଚି ବଡ ଭାଇଙ୍କୁ ଚିହ୍ନଟ କରିଥିଲେ। ଭାଇଙ୍କ ଶରୀରର ମୁହଁରେ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖି ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପୋଲସରା ପୋଲିସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲସରା ପୋଲିସ ଥାନାରେ ୧୪୨/୨୫ ପ୍ରକାରେ ଏକ ମାମଲା ରୁଜୁ ହୋଇଛି। ଲଜରୁ ମରଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଏହି ବିଷୟରେ ତଦନ୍ତ ଜାରୀରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଆଶା କରାଯାଉଛି।

## ଅରଖପୁର ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ



ବୁଗୁଡା ୧/୩ (ନି.ପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଫେବୃଆରୀ ୨୫ ତାରିଖ ଦିନ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା କୁମାରୀ ଗଉଡଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ମିନତି ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢି ସୁନାଗରିକ ହେବାପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ଦ୍ୱୟ ଅମିତା କୁମାରୀ ପାଢ଼ୀ ଓ ତପସ୍ୱିନୀ ସାହୁ, ଏସଏମସି ସଭାପତି ପ୍ରଫୁଲ୍ଲ ଗଉଡ, ସିଆରସିସି ବିଶ୍ୱଜିତ ପରିଡ଼ା, ଅନ୍ତରପଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା, ଏନପିଏସ ଶିକ୍ଷକ ସଂଘ ସଂପାଦକ ସନାତନ ପ୍ରଧାନ, ସୁନାକେରା ବିଦ୍ୟାଳୟର ଶିକ୍ଷକ ରୁଦ୍ର ପ୍ରସାଦ ବିଶ୍ୱାଳ, ଗ୍ରାମ୍ୟ ଅଧିକାରୀ ଅଶୋକ ମଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ ଆୟୋଜିତ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଶିକ୍ଷକ କମଳଲୋଚନ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷକ ମିତ୍ରଭାନୁ ସ୍ୱାଇଁ, ଶ୍ରୀନିବାସ ଆଚାରୀ, ରଶ୍ମିତା ସାହୁ ଏବଂ ସ୍କୁଲ ପରିଚାଳନା କମିଟି ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ ।ଶେଷରେ ବରିଷ୍ଠ ଶିକ୍ଷକ ସୁଦର୍ଶନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତ୍ରୟୋଦଶତମ ବାର୍ଷିକ ଅଗ୍ନିଷ୍ଟୋମ ବିଶ୍ୱଶାନ୍ତି ନାରାୟଣ ଯଜ୍ଞ ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି, ୧/୩ (ନି.ପ୍ର): କେନ୍ଦୁପାଟଣା ପଂଚାୟତ ସ୍ଥିତ ରିଷୋ ଗ୍ରାମର ଗ୍ରାମଦେବତୀ ଚଣ୍ଡୀ ପୀଠରେ ଥିବା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ଅଗ୍ନିଷ୍ଟୋମ ବିଶ୍ୱଶାନ୍ତି ନାରାୟଣ ଯଜ୍ଞ ଅନୁଷ୍ଠିତ ହୋଇଛି । ପବିତ୍ର ଚିତ୍ରୋତ୍ପଳା ନଦୀରୁ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ମହିଳାମାନେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିବା ପରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଓ ମଙ୍ଗଳ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ଦାମୋଦର ସ୍ୱାଇଁ ଓ ତାଙ୍କ ପତ୍ନୀ ଗୀତାଞ୍ଜଳୀ ସ୍ୱାଇଁ କାର୍ଯ୍ୟ ଭାର ଗ୍ରହଣ କରିଥିଲେ । ପଣ୍ଡିତ ବିଜୟ କୁମାର ଶତପଥୀ, ରଘୁନାଥ ପଣ୍ଡା, ଉମାକାନ୍ତ ଦାଶ, ରାମଚନ୍ଦ୍ର ରଥ, ମଧୁସୁଦନ ପଣ୍ଡା ଯଜ୍ଞ ପୂଜା କାର୍ଯ୍ୟ କରୁଥିବା ବେଳେ ମନ୍ଦିର ପୂଜକ ଗୌତମ ପଣ୍ଡା ମନ୍ଦିର ପୂଜା କରିବା ସହିତ ଯଜ୍ଞ ପୂଜାରେ ସହଯୋଗ କରିଥିଲେ  ନାପିତ ସେବକ ଗଗନବିହାରୀ ବାରିକ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରତ୍ୟହ ଗୀତାପାଠ, ଚଣ୍ଡି ଆହୂତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂଧ୍ୟାରେ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଥିଲା । ମହାଶିବରାତ୍ରୀ ଅବସରରେ ଯଜ୍ଞର ଦ୍ୱିତୀୟ ଦିବସ ଜାଗର ତିଥିରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଙ୍କ ଉଦ୍ଦେଶ୍ୟରେ ମହାଦୀପ ଉଠାଯାଇଥିଲା । ଗୁରୁବାର ଅନୁଷ୍ଠିତ ଯଜ୍ଞର ପୂର୍ଣ୍ଣାହୂତୀ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଉକ୍ତ ଧାର୍ମିକ



ଅନୁଷ୍ଠାନରେ ସମାଜସେବୀ ଶଶଧର ପଣ୍ଡା, ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ଶିଳ୍ପପତି  ଇଂ. ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ବିଜେପି ବରିଷ୍ଠ କାର୍ଯ୍ୟକର୍ତ୍ତା କୁଞ୍ଜ ମୋହନ ସେଠୀ, କଂଗ୍ରେସ ସଂଗଠକ ଉତ୍ତମ କୁମାର ବେହେରା, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ଆଇନଜୀବୀ ସରୋଜ ସାହୁ, ଯୁବ ସମାଜସେବୀ ବିଶ୍ୱେଶ୍ୱର ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ । ପରିଚାଳନା କମିଟି ପକ୍ଷରୁ ପ୍ରତ୍ୟେହ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ବେଳେ ଯଜ୍ଞ ପୂର୍ଣ୍ଣାହୂତୀ ସଂପନ୍ନ ହେବା ପରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଯଜ୍ଞ ଚରୁଅନ୍ନ ବଣ୍ଟନ କରାଯାଇଥିଲା । ଉକ୍ତ ଉତ୍ସବକୁ ପରିଚାଳନାରେ ଯଜ୍ଞ ପରିଚାଳନା କମିଟି ଓ ରିସୋ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସମସ୍ୟା ଘେରରେ ଲକ୍ଷ୍ମୀ ବସ

ମୟୂରଭଞ୍ଜ ୧/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ଏବଂ ବହଳଦା ବ୍ଲକ ର ଲକ୍ଷ୍ମୀ ବସ ସମସ୍ୟା ଘେରରେ ରହିଅଛି ।ଜନସାଧାରଣଙ୍କ ଅଭିଯୋଗ ମୁତାବକ ଲକ୍ଷ୍ମୀ ବସ ରେ ଜାମଦାରୁ ବହଳଦା ଯାଉଥିବା ପେସେଞ୍ଜର ବହଳଦା ପେଟ୍ରୋଲ ପମ୍ପ ରୁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲି ଚାଲି ଯାଉଛନ୍ତି,ଯାହାଦ୍ୱାରା ବୃଦ୍ଧବୃଦ୍ଧା ଏବଂ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହିତ ବହଳଦା ବ୍ଲକ ରୁ ରାଇରଙ୍ଗପୁର ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଗାଡି ଯାଉ ନଥିବା ହେତୁ ଜନସାଧାରଣ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ଅନ୍ୟ ପକ୍ଷରେ ଜାମଦା ଲକ୍ଷ୍ମୀ ବସ ରହୁଥିବା ସ୍ଥାନରେ ଆଲୋକର ବ୍ୟବସ୍ଥା ନଥିବା ହେତୁ ତାହା ନିରାପଦ ନୁହେଁ ।ତେଣୁ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜନସାଧାରଣ ଏବଂ ମେଘାଚ୍ଛନ୍ନ ସାହିତ୍ୟ ସଂସଦର ସଭାପତି ବିକାଶ ନାୟକ ଏବଂ ୟୁ.ଏସ.ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ ଜିଲ୍ଲା ପ୍ରଶାସନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ନିକଟରେ ଦାବି କରିଛନ୍ତି ।

## ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି ୧/୩ (ନି.ପ୍ର): ସମର ଶିକ୍ଷାର୍ଥୀ ବାହିନୀ ଓ ରେଡକ୍ରସ ତରଫରୁ କଟକ ଜିଲ୍ଲା ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ  ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ବ□ମାନ ଅଧ୍ୟୟନରତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କଟକ ବଡ ମେଡିକାଲ ବ୍ଲଡ ବ୍ୟାଙ୍କର ସହକାରୀ ଅଧିକାରୀଙ୍କ ସଂଯୋଜନାରେ ସମରଶିକ୍ଷାର୍ଥୀ ବାହିନୀର ମୁଖ୍ୟ ଲେପ୍ଟନା□ ଶ୍ରୀଯୁକ୍ତ ସୁଶାନ୍ତ କୁମାର ସାହୁ ଓ ରେଡକ୍ରସର ମୁଖ୍ୟ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ସ୍ୱାଇଁଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ମହାବିଦ୍ୟାଳୟର ଅନ୍ୟ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

## ଦୁର୍ଗା ମଣ୍ଡପ ପଡିଆର ଉନ୍ନତି କରଣ କାର୍ଯ୍ୟ- ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ




ନିଶ୍ଚିନ୍ତକୋଇଲି ୧/୩ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ କେନ୍ଦୁପାଟଣା ପଂଚାୟତ ଖଣ୍ଡଗାଁ ଗ୍ରାମରେ ୨୦୨୨-୨୩ ଆର୍ଥିକ ବର୍ଷରେ କାର୍ଯ୍ୟ ନିର୍ବାହୀ ବିଭାଗୀୟ ତଦାରଖ ଥାଇ ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଦୁର୍ଗା ମଣ୍ଡପ ପଡିଆର ଉନ୍ନତି କରଣ କାର୍ଯ୍ୟ (ପ୍ରକଳ୍ପ) ହୋଇଥିଲା । ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖି ପ୍ରଦର୍ଶୀତ ହୋଇଥିବା ସୂଚନା ଫଳକରେ ଏଥିରେ କୌଣସି ବ୍ୟୟ ଅଟକଳ ମୂଲ୍ୟ ପ୍ରଦର୍ଶିତ କରାଯାଇ ନାହିଁ । ଫଳରେ ଏହି କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ବିଭାଗୀୟ ଉଚ୍ଚ କ□ପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ସତ୍ୟାସତ୍ୟ ତର୍ଜମା କରିବାକୁ ସାଧାରଣରେ ଦାବି ହେଉଛି ।

## ଫକୀର ମୋହନ ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଜଟଣୀ ୧/୩ (ନି.ପ୍ର): ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆ ମେଳନ ପଡିଆଠାରେ ଫକୀରମୋହନ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହିପରିପ୍ରେକ୍ଷିରେ ମୁଖ୍ୟଅତିଥିଭାବେ ଯୁବନେତା ବିଶ୍ୱରଂଜନ ମହାନ୍ତି,ସମ୍ମାନୀତ ଅତିଥି ଯୁବସାମ୍ବାଦିକଓ ନାଟ୍ୟକାର ନବୀନକୁମାର ମହାପାତ୍ର,ଯୁବସଂଗଠକ ଲୁସେନ୍ ରାୟ,କନ୍ତିଆ ଗ୍ରାମପଞ୍ଚାୟତ ସରପଞ୍ଚ ମନୋଜବେହେରା,ସମିତିସଭ୍ୟ ଭୀମସେନଭୁଜବଳଙ୍କ ସହ ସମାଜସେବୀ ଶୁରେସ ବେହେରା ଯୋଗଦାନକରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ବେଣୁଧର ବରାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ ।ଶ୍ରୀ ମହାନ୍ତୀ ସୁସ୍ଥ ସମାଜ ଗଠନରେ ଛାତ୍ର ଛାତ୍ରୀ ଙ୍କ ଭୁମୀକା ଉପରେ ଆଲୋଚନା କରିଥିଲେ ।ଶେଷରେ କୃତିପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣସହ ରଂଗାରଂଗ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୁଗ୍ଧ କରିଥିଲା । ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ କାର୍ଯ୍ୟକ୍ରମକୁ ସହୋଯୋଗ କରିଥିଲେ ।

# ନିଶ୍ଚିନ୍ତକୋଇଲି ମଣ୍ଡଳ କୃଷି କାର୍ଯ୍ୟାଳୟ : କେଉଁଠି ଚାଲୁଛି ଜାଣିପାରୁନାହାଁନ୍ତି ଚାଷୀ



ନିଶ୍ଚିନ୍ତକୋଇଲି ୧/୩ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନିଶ୍ଚିନ୍ତକୋଇଲି ମଣ୍ଡଳ ସ୍ତରୀୟ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ଅବସ୍ଥିତ । ଏହି କାର୍ଯ୍ୟାଳୟ ଅଧିକାଂଶ ସରକାରୀ କାର୍ଯ୍ୟ ଦିବସରେ ବନ୍ଦ୍ ରହୁଥିବା ଦେଖିବାକୁ ମିଳୁଛି । ମଣ୍ଡଳ କୃଷି କାର୍ଯ୍ୟାଳୟ ଯେଉଁଠି କାର୍ଯ୍ୟ କରୁଛି ସେ ସ୍ଥାନର କୌଣସି ଜାଗାରେ ମଣ୍ଡଳ କୃଷି କାର୍ଯ୍ୟାଳୟ ବୋଲି ଲେଖା ପ୍ରଦର୍ଶିତ କରାଯାଇ ନାହିଁ । ଯାହାଫଳରେ ଚାଷୀ କେଉଁଠି ମଣ୍ଡଳ କୃଷି କାର୍ଯ୍ୟାଳୟ କାର୍ଯ୍ୟ କରୁଛି ତାହା ଜାଣିପାରୁନାହାଁନ୍ତି । ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ୪୧ ଗୋଟି ପଂଚାୟତର ଚାଷୀମାନେ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରିଥାଆନ୍ତି । ୪୧ ଗୋଟି ପଂଚାୟତ ମଧ୍ୟରୁ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭ ଗୋଟି ପଂଚାୟତ ରହିଥିବା ବେଳେ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୪ ଗୋଟି ପଂଚାୟତ ରହିଛି । ଏହି ପଂଚାୟତ ସମିତି ଅଧିନରେ ଥିବା କୃଷି କାର୍ଯ୍ୟାଳୟଟି କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଓ କଟକ ସଂସଦୀୟ କ୍ଷେତ୍ର ଅଧିନରେ ରହିଛି । ଦୁଇ ସାଂସଦ ଓ ଦୁଇ ବିଧାୟକ ଏହି ପଂଚାୟତ ସମିତିର ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । ଏଠାରେ ମଣ୍ଡଳ କୃଷି ସଂପ୍ରସାରଣ ଅଧିକାରୀ ଆଦୌ କାର୍ଯ୍ୟାଳୟରେ ଯୋଗଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି । କୃଷି କାର୍ଯ୍ୟାଳୟରେ ସହକାରୀ କୃଷି ଅଧିକାରୀ ନ ରହି ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବାରୁ ଚାଷୀମାନେ ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରୁନାହାଁନ୍ତି । କାର୍ଯ୍ୟାଳୟରେ ଚାଷୀମାନେ ପହ□ ପଚାରିବାରେ ସେଠାରେ ଉପସ୍ଥିତ କର୍ମଚାରୀମାନେ ଉତ୍ତର ଦେଇଥାଆନ୍ତି କି ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି । ଏସବୁକୁ ଦେଖିଲା ବେଳକୁ ନିଶ୍ଚିନ୍ତକୋଇଲି ମଣ୍ଡଳ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଏକରକମ ପଙ୍ଗୁପାଲଟିଯାଇଛି । ଏଥିପ୍ରତି ଉଭୟ କଟକ ଓ କେନ୍ଦ୍ରାପଡା ସାଂସଦ ମାହାଙ୍ଗା ଓ କଟକ ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ଦ୍ୱୟ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀ ମହଲରୁ ଦାବି ହେଉଛି ।

## ଘଟଗାଁ ବ୍ଲକ ଅଞ୍ଚଳରେ ଦୁର୍ବଳ ହେଉଛି ବିଜୁଜନତା ଦଳ

ପାଟଣା ୧/୩ (ନି.ପ୍ର): ଘଟଗାଁ ବ୍ଲକ ଅଞ୍ଚଳ ରେ ବିଜୁଜନତା ଦଳ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି ।ବିଭିନ୍ନ ପଞ୍ଚାୟତ ଅଞ୍ଚଳ ରୁ ବିଜୁଜନତା ଦଳ ପାଇଁ ଛାମୁଆ କର୍ମୀ ଥିବା ବହୁ କର୍ମୀ ଏବେ ବିଜେପି ରେ ସାମିଲ ହେଉଛନ୍ତି ।କିଛିଦିନ ହେଲା କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କ ଲଙ୍ଗଳକଣ୍ଟି ବାସ ଭବନରେ ସକାଳୁଆ ଏଥିପାଇଁ ଭିଡ ଲାଗୁଛି ।ଆଜି ପଞ୍ଚମ ପର୍ଯ୍ୟାୟ ରେ ଏହି ବ୍ଲକ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ର ନାଏବ ସରପଞ୍ଚ ଙ୍କ ସମେତ ସଂଖ୍ୟାଧିକ ୱାର୍ଡ ସଦସ୍ୟ ଓ କର୍ମୀ ଙ୍କୁ ସାଂସଦ ଶ୍ରୀ ନାଏକ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳ କୁ ସ୍ୱାଗତ କରିଥିବା ଦେଖାଯାଇଛି ।

## ତେରଶମ୍ଭୁ ମିଳନ ସମାରୋହ ପ୍ରସ୍ତୁତି ପାଇଁ ମା ' ପାଟଖଣ୍ଡା ଙ୍କ ନିକଟରେ ପୂଜାର୍ଚ୍ଚନା

ବାଲିଗୁଡା ୧/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୬ ତମ ବାର୍ଷିକ ତେର ଶମ୍ଭୁ ମିଳନ ଉତ୍ସବ ଆସନ୍ତା ଏପ୍ରିଲ ମାସ ୬ ତାରିଖ ରବିବାର ଦିନ ଆୟୋଜିତ କରିବା ସମିତି ତରଫରୁ ବିଧିବଦ୍ଧ ଭାବେ ହେବା ପାଇଁ ସ୍ଥିର କରାଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଶ୍ରୀଶ୍ରୀ ମା' ପାଟଖଣ୍ଡା ଙ୍କ କୃପା ଭିକ୍ଷା ଲାଭ କରିବା ପାଇଁ ପଞ୍ଚୁଦଣ୍ଡ ପରିଚାଳନା ସମିତି ର ମୁଖ୍ୟ ପରିଚାଳକ ରାଜ କିଶୋର ଦାସ ଙ୍କ ଗହଣ ରେ ସମସ୍ତ କର୍ମକର୍ତ୍ତା, ସଦସ୍ୟ ଙ୍କ ଉପସ୍ଥିତ ରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମିତିର ଆଗାମୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## କନ୍ଦରପୁର କପ୍ ରାଜ୍ୟ ସ୍ତରୀୟ କ୍ରିକେଟ : ରୋମାଞ୍ଚକର ବିଜୟ ସହିତ ଫାଇନାଲରେ ଜୁଭେନାଇଲ

କଟକ ୧/୩ (ନି.ପ୍ର):  କଟକ ସଦର କନ୍ଦରପୁର ରିଜୋନାଲ କ୍ଲବ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରୋମାଞ୍ଚକର ଭାବରେ କଟକର ଜୁଭେନାଇଲ କ୍ଲବ ମାତ୍ର ୧ ରନରେ ନିମପୁର ସ୍ପୋର୍ଟସ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ ହାରି ପ୍ରଥମେ ବ୍ୟାଟିଂ ଜୁବେନାଇଲ କ୍ଲବ ନିର୍ଦ୍ଧାରିତ ୨୫ ଓଭାରରେ ୯ ୱିକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶାଶ୍ୱତ ମହାନ୍ତି ସର୍ବାଧିକ ୫୨ ରନ କରିଥିବାବେଳେ ନିମପୂର କ୍ଲବ ପକ୍ଷରୁ ମହମ୍ମଦ ସୋହେବ ୫ ଓଭର ବୋଲିଂ କରି ମାତ୍ର ୮ ରନ ବିନିମୟରେ ୪ୱିକେଟ ନେଇଥିଲେ । ୧୪୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୨୪.୩ ଓଭରରେ ୧୩୯ ରନ କରି ଅଲ୍ ଆଉଟ ହୋଇଯାଇଥିଲେ । ଦଳ ପକ୍ଷରୁ ଆକାଶ ପ୍ରଧାନ ମାତ୍ର ୨୬ଟି ବଲ୍ ର ସମ୍ମୁଖୀନ ହୋଇ ୪୯ ରନ ସଂଗ୍ରହ କରିଥିଲେ। ମହମ୍ମଦ ଶୋହେବ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇ ଅତିଥି ସ୍ତ୍ରିମ୍ପ କ୍ୟାପିଟାଲ ଫାଇନସର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବୈଶାଖ ଓ ବିଶିଷ୍ଟ ସମାଜସେବୀ ସୁମନ ଜେନାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଆମ୍ପେୟାର ଚିନ୍ମୟ ଦାସ ଓ ରଞ୍ଜିତ ମହାରଣା ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ବିରଜା ମଲ୍ଲିକ ଥିଲେ । ଏଥିରେ ଆୟୋଜକ କ୍ଲବ ପକ୍ଷରୁ ଉପସଭାପତି ଚନ୍ଦ୍ରଶେଖର ମଲ୍ଲିକ, ବୁଲୁ ଜେନା,ସୁବାସ ଜେନା,ନରେଶ ଜେନା,ରାଜେନ୍ଦ୍ର ମାନ୍ନା,ଗଣେଶ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଡାବୁଗାଁ ପ୍ରେସ କ୍ଲବ ତରଫରୁ ଡାବୁଗାଁ ଥାନା ଅଧିକାରୀ ଙ୍କୁ ସ୍ୱାଗତ

ଡାବୁଗାଁ ୧/୩ (ନି.ପ୍ର): ଡାବୁଗାଁ ଥାନା ଅଧିକାରୀ ଭାବେ ଶ୍ରୀଯୁକ୍ତ ଗୋପାଳକୃଷ୍ଣ ଆଗୁପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଡାବୁଗାଁ ପ୍ରେସ କ୍ଲବ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି। ସଂପାଦକ ମିହିର ଶଙ୍କର ପାତ୍ର, ଉପ ସଭାପତି ଗଗନ ଗନ୍ତାୟତ, ଆଇନ୍ ପରାମର୍ଶଦାତା ଦାତା ଜୟନ୍ତ କୁମାର ପାତ୍ର, ନରେଶ ସିଂ ଲାଲ, ସନ୍ତୋଷ ପାଢ଼ୀ , ଗୋପାଳ ପଣ୍ଡା ସବ୍ୟସାଚୀ ଭତରିଆ, ତାରିଣୀ ସେନ ଜେନା, ଡାକ୍ରସି କଲାର, ପଦମସାଇ ଭତ୍ରା ପ୍ରମୁଖ ପ୍ରେସ କ୍ଲବ ତରଫରୁ ଏହି ଅବସରରେ ଉପସ୍ଥିତ ଥିଲେ। ଜଣେ ଦକ୍ଷ ପୋଲିସ ଅଫିସର ଭାବେ ପରିଚିତ ଶ୍ରୀ ଗୋପାଳକୃଷ୍ଣ ଆଗୁପାତ୍ର ଙ୍କ ଯୋଗଦାନ କୁ ବିଭିନ୍ନ ମହଲ ରୁ ମଧ୍ୟ ସ୍ୱାଗତ କରା ଯାଉଛି।

## ପନ୍ଦର ଦିନ ହେବ ଏସ୍.ବି.ଆଇ. ଏଟିଏମ୍ ଅଚଳ ଗ୍ରାହକ ଭୋଗୁଛନ୍ତି ଅସୁବିଧା

ନିଶ୍ଚିନ୍ତକୋଇଲି ୧/୩ (ନି.ପ୍ର): ପନ୍ଦର ଦିନ ହେବ ନିଶ୍ଚିନ୍ତକୋଇଲି ବଜାର ଅଂଚଳରେ ଥିବା ଏସ୍‌ବିଆଇ ଏଟିଏମ୍ ଗୁଡିକ ଅଚଳ ହୋଇ ରହିଛି । ଫଳରେ ଗ୍ରାହକମାନେ ଏଟିଏମ୍‌ରୁ ଟଙ୍କା ଉଠାଣ କରିନପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଟିଏମ୍ କେନ୍ଦ୍ର ଗୁଡିକ ବନ୍ଦ୍ ଥିବା ଏବଂ ବନ୍ଦ୍ ଥିବା କବାଟରେ ଏଟିଏମ୍ ସେବାକୁ ସାମୟିକ ଭାବେ ବନ୍ଦ୍ କରାଯାଇଥିବା ଏବଂ ସେବା ବାଧାପ୍ରାପ୍ତ ପାଇଁ ଏସ୍‌ଆଇବି କ□ପକ୍ଷ ଦୁଃଖିତ ବୋଲି ଏକ ପ୍ରଚାରପତ୍ର ଲଗାଯାଇଛି । କେବଳ ଦୁଃଖ ପ୍ରକାଶ କଲେ ଗ୍ରାହକଙ୍କର ଅସୁବିଧା ଦୂର ହେବ ନାହିଁ । ତୁରନ୍ତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ଏଥିପ୍ରତି ଦୃଷ୍ଟି ଦେଇ ବନ୍ଦ୍ ରହିଥିବା ଏଟିଏମ୍ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍‌ଧାରୀ ଗ୍ରାହକମାନେ ନିବେଦନ କରିଛନ୍ତି ।

# ପାଟଣା ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ



ପାଟଣା ୧/୩ (ନି.ପ୍ର): ପାଟଣା ବ୍ଲକ ଅଧକ୍ଷା ଅନାସ୍ଥାରେ ପଦ ହରାଇବା ପରେ ଭାରପ୍ରାପ୍ତ ବ୍ଲକ ଅଧକ୍ଷା ବୀଣାପାଣି ନାୟକଙ୍କ ଅଧକ୍ଷତାରେ ପାଟଣା ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ଆଜି ଅନୁଷ୍ଠିତ ହୋଇଛି ।ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କଭଳି ଶୃଙ୍ଖଳିତ ଭାବେ ତ୍ୱରାନ୍ୱିତ ହୋଇ ପାରିବ ସେନେଇ ଉପସ୍ଥିତ ପଞ୍ଚାୟତିରାଜ ପ୍ରତିନିଧି ଓ ଅଧିକାରୀ ଙ୍କୁ ଆହ୍ୱାନ ଦେଇଛନ୍ତି ।ବୈଠକରେ ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ,ବିଧାୟକ ପ୍ରତିନିଧି କମଳା କାନ୍ତ ଦାଶ, ବିଡିଓ ମାନସ କୁମାର ଦଣ୍ଡପାଟ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ନାଏକ,ସୌଭାଗ୍ୟ ମଞ୍ଜରୀ ନାଏକ ଓ ରୁନୁ ମହାନ୍ତ,ବ୍ଲକ ଅଞ୍ଚଳର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଙ୍କ ସହ ଲାଇନ ବିଭାଗର ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ବ୍ଲକ ଶିକ୍ଷାଧିକାରୀ ପୁର୍ଣଚନ୍ଦ୍ର ଅମାତ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ,ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ର, ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସତ୍ୟପ୍ରକାଶ ଦ୍ୱିବେଦୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସିଦ୍ଧ ମାଝୀ,ପାଟଣା ଲ୍ୟାମ୍ପସ ଏମ ଡି ହରମୋହନ ମହାନ୍ତ,ରାଜନଗର ଲ୍ୟାମ୍ପସ ଏମଡି ନିମାଇ ମହାନ୍ତ, ଯୋଗାଣ ନିରୀକ୍ଷକ ସୁନିତା ମାରାଣ୍ଡି,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଣୀ ସିପ୍ରା ରାଣୀ ମହାନ୍ତ, ଏପିଓ ଦୀପକ କୁମାର ବେହେରା, ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସୁସ୍ମିତା ସାହୁ ,ଆବାସ ନିର୍ମାଣ ବିଭାଗର ସୁରେନ୍ଦ୍ର ଖଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ ପ୍ରମୁଖ ବୈଠକରେ ସାମିଲ ଥିଲେ ।ଜିପିଡ଼ିଓ ରଶ୍ମିରେଖା ମହାନ୍ତି ବୈଠକ ପରିଚାଳନା କରିଥିଲେ ।ବ୍ଲକ ଅଞ୍ଚଳର ବୈତରଣୀ ରୁ ବେଆଇନ ବାଲି ଉତ୍ତୋଳନ କରାଯାଉଥିବା, ଜମିରେ ପାଣି ନମାଡି ଜଳକର ଆଦାୟ ହେଉଥିବା ଭଳି ସଙ୍ଗିନ ଅଭିଯୋଗ ଥିବାବେଳେ ବୈଠକକୁ ତହସିଲଦାର ଆସିନଥିବାରୁ ସଦସ୍ୟ ମାନେ ଉଦବେଗ ପ୍ରକାଶ କରିଥିଲେ ।

# ଶ୍ରୀ କୋଇଲି ଠାରୁ ଓଡ଼ଗୁଆଁ କେନାଲ ବନ୍ଧ କଂକ୍ରିଟ ଲାଗି ଭିତ୍ତି ପ୍ରସ୍ତର ସ୍ଥାପନ

ନିମାପଡ଼ା ୧/୩ (ନି.ପ୍ର):ପ୍ରାଚୀ ଡିଭିଜନ ନିମାପଡା ଜଳସମ୍ପଦ ବିଭାଗ ଅଧୀନରେ ଥିବା ଗୋପ ଶାଖା କୁଣ୍ଢେଇ ବିତରକ କେନାଲ ର ଶ୍ରୀ କୋଇଲି ଠାରୁ ଓଡଗୁଆଁ ୪ କିଲୋମିଟର ରାସ୍ତା ଉଭୟ ପାର୍ଶ୍ୱ ୬ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ସିମେଣ୍ଟ କଂକ୍ରିଟ କରାଯିବ ବୋଲି ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ଶିଳାନ୍ୟାସ କରିଛନ୍ତି । ସେହିପରି ଶ୍ରୀ କୋଇଲି ଠାରୁ ଆଲୁଦଣ୍ଡା ପାଟଣା - ବାହାରଣା ୩ କିଲୋମିଟର ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ଶ୍ରୀମତୀ ପରିଡା ଆୟୋଜିତ ଶିଳାନ୍ୟାସ କାର୍ଯ୍ୟ କ୍ରମରେ କହିଛନ୍ତି । ଏହି ଶିଳାନ୍ୟାସ ଉତ୍ସବ ରେ ସାଂସଦ ଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓଝା, ୨୧ ନମ୍ବର ଜୋନ ର ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ,ନାରୀନେତ୍ରୀ ମୀନ ଲତା ମହାନ୍ତି, ତିଳତମା ବାରିକ, ଦୁର୍ଯ୍ୟୋଧନ ମହାନ୍ତି, ଅଜୟ କୁମାର ପରିଡା, ସମେତ ବିଭାଗୀୟ ଅଧି କ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ସହକାରୀ ଯନ୍ତ୍ରୀ ତୁଷାର ହେମ୍ରମ, ରାକେଶ କୁମାର ସାହୁ, କାକଟପୁର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ, ଜନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡ ପତି ପ୍ରମୁଖ ଉପସ୍ଥିତ ଥିଲେ । ଦୁଇ ମାସ ମଧ୍ୟରେ କାର୍ଯ୍ୟ ସରିବ ବୋଲି ଉପ ମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡା ଠିକାଦାର ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି..ପ୍ରକାଶ ଥାଉକି ଗତ ୭. ୧. ୨୦୨୫ ରେ ଗୋପ ବ୍ରାଞ୍ଚ କୁଣ୍ଢେଇ ବାମ ପାର୍ଶ୍ୱ କେନାଲ ବନ୍ଧ ର ୧୩. ୦୦ କିଲୋମିଟର ଠାରୁ ୧୬. ୧୦୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଉନ୍ନତି କରଣ ଲାଗି ୬୨ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆ ଯାଇ ଶିଳାନ୍ୟାସ ହୋଇଥିଲା । ମାତ୍ର ଦୁଇ ମାସ ବିତି ଯାଇଥିଲେ ମଧ ଠିକାଦାର ୫ ପ୍ରତିଶତ କାର୍ଯ୍ୟ କରିନି। କେନାଲ ବନ୍ଧ ରୁ ଗଛ ହଟା ଯାଇନି । ବନ୍ଧରେ ଇଲେକ୍ଟ୍ରି ଖୁଣ୍ଟ ମଧ ଉଠାଯାଇନି। କେବଳ ମେଡିକାଲ ଛକ ଠାରେ ଦୁଇଟି ସାଇଟ ୱାଲ କରିଦେଇ ଠିକାଦାର ଛୁ। ଏ ସମ୍ପର୍କରେ ନିଆଳି ସହକାରୀ ଯନ୍ତ୍ରୀ ଙ୍କୁ ପଚାରିବାରେ କାର୍ଯ୍ୟ ବର୍ଷା ଦିନ ପୂର୍ବରୁ ସାରିବାକୁ ଠିକାଦାର ଙ୍କୁ କୁହାଯାଇଛି. ମାତ୍ର ଠିକାଦାର କାମ କରୁନି । ସୂଚନା ଥାଉକି କାର୍ଯ୍ୟ ଆରମ୍ଭ ପୂର୍ବରୁ କେନାଲ ବନ୍ଧ ରେ ଥିବା ଏକ ବିରାଟ ଚାକୁଣ୍ଡା ଗଛ କୁ କେହି ବିକ୍ରି କରିଦେଇଥିବା ଅଭିଯୋଗ ହେଉଛି. ସେ ଗଛଟି ପ୍ରାୟ ୩୫ ହଜାର ରୁ ଅଧିକ ମୂଲ୍ୟ ହୋଇଥିବ ବୋଲି ଦେଖଣା ହାରି ମାନେ କହିଛନ୍ତ । ଆଉ ଅଳ୍ପ ଦିନ ପରେ ବର୍ଷା ଋତୁ ଆସିବ । ବର୍ଷା ସମୟରେ ନିମ୍ନ ମାନର କାର୍ଯ୍ୟ କରି ବିଲ୍ କରି ନେବ ବୋଲି ଜନସାଧାରଣ କହିଛନ୍ତି । ଏ ସମ୍ପର୍କରେ ଠିକାଦାର ଙ୍କୁ ପଚାରିବାରେ ସେ କୁହନ୍ତି ମୁ ୧୫ ପ୍ରତିଶତ ଲେସ ରେ କାର୍ଯ୍ୟ ଆଣିଛି । ତେଣୁ ୪୦ରୁ ୪୫ ପ୍ରତିଶତ କାର୍ଯ୍ୟ ହେବ ବୋଲି ସେ କହିବା ସହିତ ସମସ୍ତ ଙ୍କୁ ପିସି ଦେବାକୁ ପଡୁଛି ବୋଲି କହିଥିଲେ । ପୁରୁଣା ଫାଣ୍ଡି ଛକ ରୁ କାର୍ଯ୍ୟ ଆରମ୍ଭ ହେବାର ଥିବା ବେଳେ ଫାଣ୍ଡି ଛକ ଠାରେ କାର୍ଯ୍ୟ ଆରମ୍ଭ ହୋଇନଥିବା ନେଇ ଜନ ଅସନ୍ତୋଷ ଦେଖା ଦେଇଛି ।ଉଚ୍ଚ ପଦାଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜୟପାଟଣା ବନାଞ୍ଚଳରେ ଅନିୟମିତତା ଅଭିଯୋଗ

ଜୟପାଟଣା ୨୮/୦୨/୨୦୨୫ କଳିଙ୍ଗ ଜ୍ୟୋତି : ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ଅର୍ଥନୈତିକ ଅବରୋଧ ଶାଖା ଦ୍ୱାରା ଚଢାଉ ଆରମ୍ଭ ହୋଇଥିବା ସୂଚନା ମିଳିଛି । ଏହି ଚଢାଉ ଜୟପାଟଣା ବନ ବିଭାଗ ଅଧିନରେ ଆସୁଥିବା ମହୁଲପାଟଣା ଓ ବେଣାଖମାର ବିଟ୍‌ରେ କାର୍ଯ୍ୟରତ ବନରକ୍ଷୀ ଅଶୋକ ଚନ୍ଦ୍ର ସାହୁଙ୍କ ବିରୁଦ୍ଧରେ ଚାଲିଥିବା ଜଣାପଡ଼ିଛି । ଏହି ସମାନ୍ତରାଳ ଭାବରେ ଜୟପାଟଣା ବନ କାର୍ଯ୍ୟାଳୟ ଓ ଶ୍ରୀ ସାହୁଙ୍କ ପୈତୃକ ବାସଭବନ ଲଡୁଗାଁ ଠାରେ ମଧ ଚାଲିଥିବା ସୂଚନା ମିଳିଛି । ତଦନ୍ତକୁ ସମ୍ପୂର୍ଣ୍ଣ ଗୋପନ ରଖିବା ପାଇଁ ପତ୍ରକାର ମାନଙ୍କୁ କୌଣସି ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହେଉଛି । ଶ୍ରୀ ସାହୁ ବିଭାଗ ଦ୍ୱାରା ନିଲମ୍ବିତ ହୋଇଥିବା ମଧ ସୂଚନା ମିଳୁଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ଅନିୟମିତତା ରହିଥିବାରୁ ଏହି ଚଢାଉ ହେଉଥିବାର ଆଲୋଚନା ହେଉଛି । ତଦନ୍ତ ପୂର୍ଣ୍ଣାଙ୍ଗ ହେଲେ ସବିଶେଷ ତଥ୍ୟ ପଦାକୁ ଆସିବ ବୋଲି ଆଲୋଚନା ହେଉଛି ।

# ବାଣପୁର ତୁମୁରାପୁଟ ପଞ୍ଚାୟତରେ ଆଇନ ସଚେତନତା କାର୍ଯ୍ୟକ୍ରମ

ବାଣପୁର ୧/୩ (ନି.ପ୍ର): ଶୁକ୍ରବାର ଦିନ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ତୁମୁରାପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା,ଏମଏସିଟି,ଯାନବାହାନ ଅଧିନିୟମ,ବିକଳ୍ପ ବିବାଦ ସମାଧାନ ସୂତ୍ର ଓ ସ୍ଥାୟୀ ଲୋକ ଅଦାଲତ ଆଦି ବିଷୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧକ୍ଷତା କରିଥିବା ବେଳେ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍‌ସିତା ପ୍ରିୟା ଏକ୍କା, ସରପଞ୍ଚ ଅକ୍ଷୟ ସେଠି,ଫ୍ରଣ୍ଟ ଅଫିସ ରିଟେନର ଦେବି ସାମନ୍ତରାୟ,ଆଇନ ସେବା ସମିତିର ସଦସ୍ୟ ଆଇନଜୀବୀ ଜଗଦୀଶ ପଟ୍ଟନାୟକ ଓ ବିପ୍ଳବ ମୁଦୁଲି ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା,ଏମଏସିଟି,ଯାନବାହାନ ଅଧିନିୟମ,ବିକଳ୍ପ ବିବାଦ ସମାଧାନ ସୂତ୍ର ଓ ସ୍ଥାୟୀ ଲୋକ ଅଦାଲତ ଆଦି ବିଷୟରେ ସଚେତନ କରାଇଥିଲେ । ଏବଂ ଏହାର ବିଭିନ୍ନ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ । ବିକଳ୍ପ ବିବାଦ ସମାଧାନ ସୂତ୍ର ଓ ସ୍ଥାୟୀ ଲୋକ ଅଦାଲତ ଦ୍ୱାରା ବିଭିନ୍ନ ମାମଲା ଆପୋଷ ସମାଧାନ ହୋଇଥାଏ ଯାହାଦ୍ୱାରା ନାଗରିକ ମାନେ ଅଯଥା କୋର୍ଟରେ ମାମଲରେ ଛନ୍ଦି ନହୋଇ ନ୍ୟାୟ ପାଇଥାନ୍ତି ବୋଲି ବିଚାରପତି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ ।



# ରେଳମନ୍ତ୍ରୀଙ୍କୁ ସତ୍ୟବାଦୀ ବିଧାୟକଙ୍କ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବିପତ୍ର



କଣାସ ୧/୩ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମଝି ଓ ମାନ୍ୟବର ପୁରୀ ସାଂସଦ ଡଃ ସମ୍ବିତ ପାତ୍ରଙ୍କ ଆଗ୍ରହ କର୍ମେ ଆଜି ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷାତ କରି ସତ୍ୟବାଦୀ ବାସୀଙ୍କର ସାକ୍ଷୀଗୋପାଳ ରେଳ ଫାଟକ ଠାରେ ଅଣ୍ଡରପାସ୍ ନିର୍ମାଣ ନିମନ୍ତେ ଏକ ଦାବି ବିଷୟରେ ପତ୍ର ପ୍ରଦାନ କରିଛନ୍ତି । ପ୍ରଥମତଃ ମାନ୍ୟବର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ସତ୍ୟବାଦୀ ବିସ୍ଥାପିତ ବଜାର ଦୋକାନୀ ଭାଇ ମାନଙ୍କ ସମସ୍ୟା ବିଷୟରେ ଜଣେଇବା ପରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତି ଥିବା ସମ୍ମାନ ଓ ସତ୍ୟବାଦୀ ଅଞ୍ଚଳବାସୀଙ୍କ ପ୍ରତି ଥିବା ଅନାବିଳ ଗଭୀର ଭଲପାଇବା ଖୁବୁଶୀଘ୍ର ପ୍ରତିଫଳନ ହେବାକୁ ଯାଉଛି ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ।ରେଳ ଫାଟକ ଠାରେ ଏକ ଅଣ୍ଡରପାସ ନିର୍ମାଣ ପାଇଁ ଦାବୀ ଜଣାଇବା ପରେ ମାନ୍ୟବର ରେଳମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଭର ପ୍ରତିଶ୍ରୃତି ଦେଇଥିବା ହେତୁ ବିଧାୟକ ଶ୍ରୀ ମିଶ୍ର ଅଞ୍ଚଳ ବାସୀଙ୍କ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ପୁରୀ ସାଂସଦ, ମାନ୍ୟବର ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଗଦାଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

ପାଟଣା ୧/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ଗଦାଧରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁବାସିନୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେଦିନୀପୁର ଉପ୍ରା ବିଦ୍ୟାଳର ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ବେହେରା , ସମ୍ମାନିତ ଅତିଥି ଭାବେ ୱାର୍ଡ଼ ମେମ୍ବର ଯଶୋଦା ବେହେରା, ସଞ୍ଜୟ ବେହେରା, ମଧୁସ୍ମିତା ମୁଖି , ରଶ୍ମିତା ନାୟକ, ଶିକ୍ଷୟତ୍ରୀ ସିତାରାଣୀ ଜେନା , ମେଘମାଳା ବେହେରା, କାଳନ୍ଦୀ ଚରଣ ଜେନା ,ଗୀତା ରାଣୀ ତରାଇ , ଲଳିତା ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ । ଏଥିସହିତ ଅତିଥି ମାନେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିବା ବେଳେ ଏହି ଉତ୍ସବରେ ବିଦ୍ୟାଳୟ ପ୍ରତି ସହଯୋଗ କରିଆସିଥିବା ପ୍ରତିଭାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଶୁଭ୍ରଜିତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଂଶୁମାନ ବେହେରା ଓ ସୌମ୍ୟରଞ୍ଜନ ବେହେରା ସ୍ୱତନ୍ତ୍ର ଭାବେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ ।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବାର୍ଷିକ ଉତ୍ସବର ନୃତ୍ୟ ସଂଗୀତ-ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବାଲୁଗାଁରେ ଖୋଲିଲା ମେଗା ସପିଙ୍ଗ ବଜାର




ବାଲୁଗାଁ ୧/୩ (ନି.ପ୍ର): ଆଗକୁ ଆସୁଛି ଦୋଳ ପର୍ବ ।ଗାଁ ଗଣ୍ଡାରେ ଯାନିଯାତ୍ରା ।ବାଲୁଗାଁ,ବାଣପୁର ତଥା ଆଖପାଖ ଅଞ୍ଚଳରେ ଚଳଚଞ୍ଚଳ ହୋଇଉଠିଛି ବ୍ୟବସାୟିକ ପ୍ରତିଷ୍ଠାନ ।ଏହି ପରିପ୍ରେକ୍ଷୀରେ ବ୍ୟବସାୟିକ ଦୃଷ୍ଟି କୋଣରୁ ତଥା ସୁଲଭ ମୂଲ୍ୟରେ ପୋଷାକପତ୍ର,ଷ୍ଟେସନାରୀ ସାମଗ୍ରୀ ଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ ଉପଲବ୍ଧ ରହିଥିବା ମେଗା ସପିଙ୍ଗ ବଜାର ବାଲୁଗାଁ ହନୁମାନ ପରିବା ମାର୍କେଟ ଠାରେ ଉଦଘାଟିତ ହୋଇଯାଇଛି ।ଏହି ମେଗା ସପିଙ୍ଗ ବଜାରକୁ ଏନଏସି ଅଧକ୍ଷା ସୁକାନ୍ତି ପାଇକରାୟ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର,ଜୟହିନ୍ଦ ଫାଉଣ୍ଡେସନ ସମ୍ପାଦକ ସେକ କୌଶର,ଆଇନଜୀବୀ ବିରଞ୍ଚି ନାୟକ,ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର,ପତ୍ରକାର ମିର ମକୁଦଅଲୀ,ସୟଦ ଲିୟାକତ ଅଲୀ,ସେକ ରୋଶନ,ସପିଙ୍ଗ ବଜାର ଏମଡି ମହମଦ ସାବିର,ପରିଚାଳକ ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ସପିଙ୍ଗ ବଜାର ଦୀର୍ଘ ଏକ ମାସ ଧରି ଚାଲୁ ରହିବା ସହ ଗ୍ରାହକଙ୍କ ଚାହିଦା ମୁତାବକ ସାମଗ୍ରୀ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ମେଗା ବଜାର ଏମଡି ସାବିର କହିଛନ୍ତି ।ଏଥିସହିତ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଦୈନନ୍ଦିନ ମେଗା ବଜାର ପରିସରରେ ବିଭିନ୍ନ ସାଂସ୍କୃତିକ,କମେଡି କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ପରିଚାଳକ ଶ୍ରୀ ସାମଲ କହିଛନ୍ତି ।

# ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା ୧/୩ (ନି.ପ୍ର): ଅତାବିରା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗିରିଷ ପଶାୟତଙ୍କ ସଭାପତିତ୍ୱରେ ।ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତପନ କୁମାର ଦାସ,ମୁଖ୍ୟ ବକ୍ତା ଭାବେ ଅତାବିରା ଗ୍ରାମ୍ୟ କମିଟିର ସଭାପତି ଦଇତାରି ପ୍ରଧାନ,ସମ୍ମାନୀତ ଅତିଥି ଭାବେ ଅତାବିରା ଏନଏସି ଚେୟାରମ୍ୟାନ ବନମାଳି ବରିହା,ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟ କୁମାର ଭୋଇ,ଶନୁ ପଧାନ ,ପୋଲିସ ଏଏସଆଇ ଅକ୍ଷୟ କୁମାର ମିର୍ଦ୍ଧା,ସିଆରସିସି ନୃପରାଜ ଭୋଇ ପ୍ରମୁଖ ମଂଚାସୀନ ଥିଲେ ।ମଂଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ନିରୁପମା କର,ବାର୍ଷିକ ବିପରଣୀ ପଠନ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜତା ପ୍ରଧାନୀ । ସର୍ବ ପ୍ରଥମେ ଗଣେଷ ମହାପ୍ରଭୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା ପରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ।ମୁଖ୍ୟବକ୍ତା ତପନ କୁମାର ଦାସ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ଭଲ ମଣିଷଟିଏ ହେବା ପାଇଁ ଉପଦେଶ ଦେଇଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଅଭିଭାବିକା ,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟା ପ୍ରମୁଖ ଯୋଗଦେଇଥିଲେ ଶେଷରେ କଳ୍ପନା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଜୟପାଟଣା ୧/୩ (ନି.ପ୍ର): କୁଚାଗାଁ କ୍ଲଷ୍ଟର ଅନ୍ତର୍ଗତ ଶାଗୁନଭାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଦିବାକର ପଟ୍ଟନାୟକ ଙ୍କୁ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏ ଉପଲକ୍ଷେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ଠାକୁର ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପ୍ରେମ ନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି ଆର୍ ସି ସି ସୁରେନ୍ଦ୍ର ମୋହନ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଦାୟୀ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ଅର୍ଜୁନ ପଟ୍ଟନାୟକ, ଶିକ୍ଷକ ସଂଘ ଉପ ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଲଳିତ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ଙ୍କୁ



ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ଅବସର ରେ ଅତିଥି ମାନେ ବିଦାୟୀ ପ୍ରଧାନ ଶିକ୍ଷକ 'ଶ୍ରୀ ଦିବାକର ପଟ୍ଟନାୟକ କର୍ମନିଷ୍ଠ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ଯୋଗୁଁ ବହୁ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି, ମୁଖ୍ୟମନ୍ତ୍ରୀ ପୁରସ୍କାର ଠାରୁ ଆରମ୍ଭ କରି ପ୍ରକୃତି ବନ୍ଧୁ ଓ ବିଭିନ୍ନ ସମ୍ମାନ ରେ ସମ୍ମାନିତ ହେବାସହ ଯେଉଁ ସ୍କୁଲ ରେ ଶିକ୍ଷକତା କରିଛନ୍ତି ସେଠାରେ ନିଜର ସ୍ୱତନ୍ତ୍ରତା ବଜାୟ ରଖି ଉଭୟ ସ୍କୁଲ ଓ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇଛନ୍ତି' ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଯୁବ ସମାଜସେବୀ ପ୍ରକାଶ ଦୁରିଆ, ପ୍ରମୋଦ ଠାକୁର ଙ୍କ ସମେତ ଅନେକ ବକ୍ତା ଶ୍ରୀ ପଟ୍ଟନାୟକ ଙ୍କ କର୍ମମୟ ଜୀବନ ର ଭୂୟସୀ ପ୍ରଶଂସା କରିଥିଲେ । ଶ୍ରୀ ପଟ୍ଟନାୟକ ମଧ୍ୟ ନିଜ ଦିର୍ଘ ଶିକ୍ଷକତା ଜୀବନର ଅନୁଭୂତି ବର୍ଣ୍ଣନା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହ ସୁନ୍ଦର ଭାବେ ନିଜ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସହକର୍ମୀ, ଗ୍ରାମବାସୀ, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଉପହାର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଶ୍ରୀ ପଟ୍ଟନାୟକ ମଧ୍ୟ ଏ ଅବସରରେ ଦୁଇ ରାନ୍ଧୁଣିଆ, ଗ୍ରାମଦେବୀ ଙ୍କ ପୁଝାରୀ, ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଅନନ୍ତ ନାରାୟଣ ପଣ୍ଡା ଅତି ସୁନ୍ଦର ଭାବରେ ମଂଚ ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ଭାବ ବିହ୍ୱଳ ବିଦାୟ କାଳୀନ ସଙ୍ଗୀତ ପରିବେଷଣ କରାଯାଇଥିଲା ।କାର୍ଯ୍ୟକ୍ରମ ରେ ଚିତ୍ତରଞ୍ଜନ ଦଳପତି, ପ୍ରଦୀପ ବୈଠାରୁ,ଙ୍କ ସମେତ ଜୟପାଟଣା ବ୍ଲକର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ, ଅଞ୍ଚଳର ମାନ୍ୟଗଣ୍ୟ ମହିଳା ଓ ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଆୟୋଜିତ

ବାଲିଗୁଡା ୧/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ସୁଡ୍ରା ପଞ୍ଚାୟତର ଜାର୍ଗୀ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସିମନ ଦିଗାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଖରୀବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସେବା ନିବୃତ୍ତ ଶିକ୍ଷକ ବଂଶୀଧର ପଣ୍ଡା, ରଞ୍ଜନ କୁମାର ଦୋରା, ଜଗଦୀଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପଯୋଗୀତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୁମିକା ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ କ୍ଷ ପ୍ରଧାନ ଶିକ୍ଷକ ଶିଶିର କାନ୍ତ ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ କ୍ଷ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶେଷରେ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋରୁମାହିଷାଣୀ ଆଇରନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ଜାତୀୟ ବିଜ୍ଞାନ ଦିବସ' ପାଳନ




ମୟୂରଭଞ୍ଜ ୧/୩ (ନି.ପ୍ର):ଗୋରୁମାହିସଷାଣୀ ଆଇରନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଉତ୍ସାହପୂର୍ଣ୍ଣ ଭାବରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଂଯୋଜକ ଥିଲେ ଉଦ୍ଭିଦ ବିଭାଗର ଅଧାପକ ତପନ କୁମାର ସାମଲ। କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ସାହୁ,ସମ୍ମାନିତ ବକ୍ତା ଭାବେ ଡ଼ଃ ଦିଗମ୍ବର ଗିରି ଉପସ୍ଥିତ ଥିଲେ। ମୁଖ୍ଯ ବକ୍ତା ଭାବରେ ରାଇରଙ୍ଗପୁର କଲେଜର ଓଡ଼ିଆ ବିଭାଗର ଅଧାପକ ଡ଼. ମିଳନ ମହାନ୍ତ ଅଭିଭାଷଣ ରେ କହିଥିଲେ ଆମଚାରିପଖରେ ଥିବା ଔଷଧୀୟ ଗଛଗୁଡ଼ିକ କିପରି ଉପକାରୀ ଏବଂ ମୁଲ୍ୟବାନ। ସେ ତାଙ୍କ ନିଜ ଅନୁଭବ ଆଧାରରେ କିଛି ଉଦାହରଣ ଦେଇ କହିଲେ ଯେ, କେତେକ ଉଭିଦ ଗଛର ପତ୍ର,ଫଳ,ଫୁଲ ଉପଯୋଗ କରି ଅନେକ ପ୍ରକାର ରୋଗ ଠିକ କରିପାରିବା। କାର୍ଯ୍ୟକ୍ରମର ଏକ ଆକର୍ଷଣ ହେଉଛି +୨ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗର ଛାତ୍ର ଅରୁଣ କୁମାର ନାୟକଙ୍କ ଦ୍ୱାରା ଉପସ୍ଥାପିତ ପ୍ରକଳ୍ପ। ସେ ଆୟୁର୍ବେଦ ଏବଂ ପ୍ରାଚୀନ ଚିକିତ୍ସାରେ ବ୍ୟବହୃତ ବିଭିନ୍ନ ଔଷଧି ଉଭିଦଗୁଡ଼ିକ ବିଷୟରେ ପ୍ରକଳ ଉପସ୍ଥାପନା କରିଥିଲେ। ଏହି ଉପସ୍ଥାପନା ବ୍ୟକ୍ତିଗତ ଏବଂ ପ୍ରାୟୋଗିକ ଅଭିଜ୍ଞତା ଭିତ୍ତିକ ଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ବହୁତ ପ୍ରେରିତ କରିଥିଲା। ଏହି କାର୍ଯ୍ୟକ୍ରମର ସଫଳତାର ସହଯୋଗୀ ଭାବେ ଅଧ୍ୟାପକ ବିଶ୍ୱଜିତ ମହନ୍ତ, ମନୋଜ ବେହେରା, ଅଧାପିକା ସୁଧା କିସ୍କୁ, କ୍ରିଡା ଶିକ୍ଷକ ଖଗେନ୍ଦ୍ର ମଣ୍ଡଳ, ଅଧ୍ୟାପକ ପ୍ରକାଶମଣ୍ଡଳ, ବିପିନ ବିହାରୀ ଗିରି, ନିରଞ୍ଜନ ଗିରି, ଯୋଗେଶ୍ୱର ପାତ୍ର, ଅଧ୍ୟାପକ ପ୍ରମୋଦ କୁମାର ତନ୍ତି, ଅଧ୍ୟାପକ ରବିନାରାୟଣ କର,ଅଧ୍ୟାପକ ଅଶୋକ ଶତପଥୀ,ସୁନୀଲ ବିନ୍ଧାନୀ, ଧନଗୋବିନ୍ଦ ମହାନ୍ତ, ଉତ୍ତମ ମଣ୍ଡଳ ଏବଂ ଅନ୍ୟାନ୍ୟ କର୍ମଚାରୀ ଓ ଅଧାପକମାନେ ସହଯୋଗ କରିଥିଲେ ।ଶେଷରେ ପ୍ରକାଶ ମଣ୍ଡଳ ଧନ୍ୟବାଦ ଜ୍ଞାପନ କରି ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ଅନୁଷ୍ଠାନ ପାଇଁ ଅଭିନନ୍ଦନ ଜଣାଇଥିଲେ।

# ସାନ୍ତରାପୁର ରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ପାଟଣା ୧/୩ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଜିପି ନୋଡାଲ ଉ.ପ୍ରା ବିଦ୍ୟାଳୟ ଓ ପ୍ରଥମ ଓଡ଼ିଶା ମିଳିତ ସହଯୋଗରେ ଜାତୀୟବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏଥିରେ ପାଖାପାଖି ୫୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ପ୍ରଥମ ଓଡ଼ିଶାର ମନୋଜ କୁମାର ଦଳାଇ ଓ କୃଷ୍ଣଚନ୍ଦ୍ର ନାୟକ, ସୋମ୍ୟା ମହାନ୍ତି ଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତାଞ୍ଜଳୀ ଚକ୍ର ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତଥି ଭାବେ ସାନ୍ତାରାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶତପଥି ମୁଖ୍ୟ ବକ୍ତା ଭାବେ ବିଜ୍ଞାନ ଶିକ୍ଷକ ଟଙ୍କଧର ମହାନ୍ତ,ସମ୍ମାନୀତ ଅତିଥି ଭାବେ ମକତବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେଖ୍ ଆଶ୍ରଫ ଅଲ୍ଲୀ,ନୁଶୁରୀପଶି ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିମା ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ନାୟକ ଅତିଥି ପରିଚୟପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ପୁଷ୍ପାରାଣୀ ଗୁଇଁ, ମିତାଞ୍ଜଳୀ କୁଣ୍ଡୁ ଲକ୍ଷ୍ମୀପ୍ରିୟାପତି, ରାଜଶ୍ରୀ ଜୀ,ଶଶିରେଖା ସାହୁ, ବନଶ୍ରୀ ମହାରଣା ସୁନୀତା ସାହୁ,ଶିଶିର ବେହେରା, ନିଳେନ୍ଦ୍ରୀ ବେଉରା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# ସ୍ତ୍ରୀ ଓ ଝିଅ ଶ୍ମଶାନ ରେ ଶବ ସତ୍କାର କଲେ



ଆଠମଲ୍ଲିକ ୧/୩ (ନି.ପ୍ର): ଆଠମଲ୍ଲିକ ଉପଖଣ୍ଡ ର କିଶୋର ନଗର ବ୍ଲକ ଶରଧାମୁଣ୍ଡା ଗ୍ରାମରେ ପ୍ରକାଶ ବିଶ୍ୱାଳ (୪୫) ବହୁଦିନ ରୁ କୀଡୀନି ରୋଗରେ ପୀଡିତ ହୋଇ ଚିକିତ୍ସା ଧୀନ ଅବସ୍ଥା ଥିଲେ। ହାଠାତ ତାଙ୍କର ଶରୀର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଜିଲ୍ଲା ହାସପାତାଳ ରେ ଚିକିତ୍ସା କରାଯାଇ ଘର କୁ ଅଣା ଯାଇଥିଲା ଏବଂ ଘରେ ତାଙ୍କର ମୃତ୍ୟୁ ହୋଇ ଯାଇ ଥିଲା। ସ୍ତ୍ରୀ ରିତା ବିଶ୍ୱାଳ ଶବ ସତ୍କାର ପାଇଁ ବାପଘର କୁ ଏବଂ ଶ୍ୱଶୁର ଘରକୁ ଜଣାଇ ଥିଲେମଧ କେହି ଏଥିରେ ସହଯୋଗ କରିନଥିଲେ କାରଣ ପ୍ରକାଶଅନ୍ୟ ଜାତି ରେ ବିବାହ କରିଥିବାରୁ କେହି ସତ୍କାର କରିବାକୁ ଆସିନଥିଲେ ଫଳରେ ବାଧହୋଇ ତାଙ୍କ ସ୍ତ୍ରୀ ଏବଂ ନାବାଳିକା ଝିଅ ଖଟିଆ ରେ ବୋହି ବୋହି ସ୍ମସାନ କୁ ନେଇ ଶବ ସତ୍କାର କରିଥିଲେ। ସ୍ୱାଧୀନତା ର ୭୫ ବର୍ଷ ପରେ ମଧ ଜାତିପ୍ରଥା କୁ ନେଇ ଏପରି ଏକ ଦୁଷ୍ଟ ମାନସିକତା ଏବଂ ସଂକୀର୍ଣ୍ଣ ମନଭାବ ଦୁଃଖ ଦାୟକ ଘଟଣା ସମଗ୍ର ଅନୁଗୋଳ ଜିଲ୍ଲା ର ଜନସାଧାରଣ, ବୁଦ୍ଧିଜୀବୀ ଯୁବକ, ସମାଜସେବି ଙ୍କ ମନ କୁ ଆନ୍ଦୋଳିତ କରିପକାଇଛି ।

# ଉଦଳାରେ ୩୭୫ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ








ଭୁବନେଶ୍ୱର,୧/୩: ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ୫୨ ଗୋଟି ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ପ୍ରାୟ ୨୭୫ କୋଟି ଟଙ୍କା ବିନିଯୋଗରେ ୧୦୬ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏହି ଜିଲ୍ଲା ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ଏବଂ ରାଜ୍ୟର ବିକାଶରେ ଏହା ଗୋଟିଏ ନୂତନ ଫର୍ଦ୍ଦ ଯୋଡିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦଳାର ପାଟପୁର ଅଂଚଳରେ ଆୟୋଜିତ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ଯୋଗଦାନ କରି କହିଛନ୍ତି । ଏହି ପରିପ୍ରେକ୍ଷୀରେ କପ୍ତିପଦା ଉପଖଣ୍ଡରେ ସମୁଦାୟ ୩୭୫ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସମସ୍ତ ପ୍ରକଳ୍ପ କପ୍ତିପଦା ଉପଖଣ୍ଡ ପାଇଁ ନୂତନ ବିକାଶର ଧାରା ସୃଷ୍ଟି କରିବା ସହିତ ବିକଶିତ ଓଡିଶା ଗଠନ କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ସୂଚନା ଥାଉକି, ଏହି ପ୍ରକଳ୍ପ ମାନଙ୍କ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର, ଜଳାଶୟ ଉନ୍ନତିକରଣ, ଜନ ସେବା କେନ୍ଦ୍ର, ଜନ ସ୍ୱାସ୍ଥ୍ୟ କେନ୍ଦ୍ର, ସମବାୟ ସଂସ୍ଥା ଆଦି ଅନେକ ପ୍ରକଳ୍ପ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ ହେବ । ବିଶେଷ ଭାବରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ମନ୍ଦିର ଓ ବାଥୁଡି ସମ୍ପ୍ରଦାୟ ପାଇଁ ଗୋଟିଏ କମ୍ୟୁନିଟି ସେଣ୍ଟର ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଦଳା ସହିତ ମୋର ସମ୍ପର୍କ ଅତି ନିବିଡ଼ ଓ ନିଆରା। ବିଧାୟକ ହେବା ପୂର୍ବରୁ ମଧ୍ୟ ଏଇ ମାଟି ସହିତ ମୋର ଅତି ଘନିଷ୍ଠ ସମ୍ପର୍କ ରହିଛି । ଏହି ମାଟିର ଭାଷା, ସଂସ୍କୃତି, ପରମ୍ପରା ସହିତ ମୁଁ ଓତଃପ୍ରୋତ ଭାବେ ଜଡିତ। ମୟୂରଭଞ୍ଜକୁ ମୋର ଦ୍ୱିତୀୟ ଘର କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ମାଟିର ମୂଳ ଓ ସ୍ଥାୟୀ ଅଧିବାସୀ ଭାବରେ ଗଣ୍ୟ ଆଦିବାସୀ ସଂପ୍ରଦାୟଙ୍କ ଲୋକ କଳା, ଚଳଣି ଓ ପରମ୍ପରା ଅତି ସମୃଦ୍ଧ । ଓଡିଶାର କଳା ଓ ସଂସ୍କୃତିକୁ ଆଦିବାସୀ ସଂସ୍କୃତି ହିଁ ଉଜ୍ଜ୍ୱଳ କରିଛି । ଓଡିଶାର କଳା ଜଗତକୁ ମୟୂରଭଞ୍ଜ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ମୟୂରଭଞ୍ଜର ଛଉ ନୃତ୍ୟ ବିଶ୍ୱ ପ୍ରସିଦ୍ଧ । ଅନେକ ଆଦିବାସୀ ନୃତ୍ୟ କଳା ଓ ସଂଗୀତ ମଧ୍ୟ ଓଡିଶା ମାଟିକୁ ସମୃଦ୍ଧ କରିଛି । ସେ କହିଥିଲେ ଯେ ଆଜି ଆମ ରାଜ୍ୟ ଓଡିଶା ଏକ ନୂତନ ବିକାଶ ପଥର ଯାତ୍ରୀ ହୋଇଛି । ଗତ ପ୍ରାୟ ଅଢେଇ ଦଶନ୍ଧି ଧରି ବିକାଶ ନାଁରେ ଏକ ପ୍ରକାର ଭଣ୍ଡାମି ଚାଲିଥିଲା, କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ କରି ବିକାଶର ଡିଣ୍ଡିମ ପିଟୁଥିଲେ। କିନ୍ତୁ, ଆଜି ଆପଣଙ୍କ ସରକାର ଆପଣଙ୍କ ଉନ୍ନତି ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି, ଯେପରିକି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମାଧୋ ସିଂ ଛାତ୍ରବୃତ୍ତି ଯୋଜନା, ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ନୂତନ ଶିକ୍ଷାନୀତି ପରି ଯୋଜନା। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଜଗନ୍ନାଥ ଦର୍ଶନ ସେବା, ମଡେଲ ମଣ୍ଡି ପରି ନୂତନ ଯୋଜନାର ପରିକଳ୍ପନା କରାଯାଇଛି। ଆଜି ଆମ ସରକାର କ୍ଷମତାକୁ ଆସିବାର ପ୍ରାୟ ୯ ମାସ ହୋଇ ସାରିଛି। ଏହି ସ୍ୱଳ୍ପ ଦିନରେ ଆମ ସରକାର ପ୍ରକୃତରେ ଲୋକଙ୍କ ସରକାରର ମାନ୍ୟତା ଲାଭ କରିଛି । ଆଜି ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଓ ନିର୍ବାଚିତ ଲୋକପ୍ରତିନିଧି ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ପ୍ରତିବିଧାନର ପ୍ରୟାସ କରୁଛନ୍ତି । ଆମେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଜନ ଶୁଣାଣି କରୁଛୁ। ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଜୋର ?ଦାର ଉଦ୍ୟମ ଆରମ୍ଭ ହୋଇଛି । ଦେଶ ଓ ରାଜ୍ୟର ଏହି ମହାନ୍ ଲକ୍ଷ୍ୟ ପୂରଣରେ ମୟୂରଭଞ୍ଜର ମଧ୍ୟ ବିଶେଷ ଭୂମିକା ରହିବ । ସେହି ସ୍ୱପ୍ନକୁ ବାସ୍ତବତାର ରୂପ ଦେବାପାଇଁ "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ" ଧାରାରେ ସାଥି ହୋଇ ବିଶ୍ୱାସର ସେତୁ ବନ୍ଧ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ ।ସେ ପୁଣି କହିଥିଲେ ସମସ୍ତଙ୍କ ପ୍ରୟାସରେ ସମୃଦ୍ଧ ଓଡିଶା ଗଠନ ହେବ। ବିକଶିତ ଭାରତ ଗଠନ ହେବ । ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ । ଏହି କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ଶ୍ରୀ ନାଏକ ଓ ଉପସ୍ଥିତ ସମସ୍ତ ସାଂସଦ, ବିଧାୟକ, ଅଧିକାରୀ ଏବଂ ଜନସାଧାରଣ ମୟୂରଭଞ୍ଜ ମାଟିର ସନ୍ତାନ ତଥା କିମ୍ବଦନ୍ତୀ ଓଡ଼ିଆ ସିନେ ଅଭିନେତା ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ ଓ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗକୁ ରାଜ୍ୟର କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦଳା ଅଂଚଳର ହୀରା ସିଂ ଓ ଗଣେଶ୍ୱର ସିଂ ଙ୍କୁ ସରକାରଙ୍କର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ଏକ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ମାନ୍ୟବର ମନ୍ତ୍ରୀ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ, ଶ୍ରୀ ରବି ନାରାୟଣ ନାଏକ କହିଥିଲେ ଯେ ଆମ ସରକାରଙ୍କ ଉଦ୍ଦେଶ୍ୟ, ବିକାଶ ପ୍ରତ୍ୟେକ ଗାଁକୁ ଯିବ ଏବଂ ପ୍ରତ୍ୟେକ ଗାଁର ପ୍ରତ୍ୟେକ ଗରିବ ଘରେ ବିକାଶର ଜ୍ୟୋତି ଜଳିବ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତିଟି ଘରକୁ ପକ୍କା ଘର ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ଲୋକପ୍ରିୟ ସରକାର ଆଜି ଏହି ଅଳ୍ପ ଦିନରେ ପ୍ରତ୍ୟେକ ଗରିବ ମୁହଁରେ ହସ ଫୁଟାଇ ପାରିଛନ୍ତି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବିଧାୟକ ବାରିପଦା ଶ୍ରୀ ପ୍ରକାଶ ସୋରେନ, ବିଧାୟକ ବଡ଼ସାହି ଶ୍ରୀ ସନାତନ ବିଜୁଳି, ବିଧାୟକ ସାରସକଣା ଶ୍ରୀ ଭାଦବ ହାଁସଦା, ବିଧାୟକ ବଙ୍ଗିରିପୋଷି କୁମାରୀ ସଞ୍ଜାଲୀ ମୁର୍ମୁ, ବିଧାୟକ ପାଟଣା, ଅଖିଳ ଚନ୍ଦ୍ର ନାୟକ, ଏବଂ ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକ ଉଦବୋଧନ ଦେଇ ମୟୂରଭଞ୍ଜର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନକୁ ଅଶେଷ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଶ୍ରୀ ଭାସ୍କର ମଢେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଧନ୍ୟବାଦ ଦେଇଥିଲେ।

## ସୁଭଦ୍ରା ଶକ୍ତି ମେଳା ୨୦୨୫

### ହସ୍ତତନ୍ତ, ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ



ଭୁବନେଶ୍ୱର,୧/୩: ସୁଭଦ୍ରା ଶକ୍ତି ମେଳା ୨୦୨୫ ତା'ର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ, ଭୁବନେଶ୍ୱରର ଜନତା ମଇଦାନରେ ଉତ୍ସାହ ଏବଂ ଉର୍ଜ୍ଜା ବୃଦ୍ଧି ପାଇ ଚାଲିଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦର୍ଶକଙ୍କ ସହିତ ସ୍ଥାନୀୟ ବାସିନ୍ଦା ମଧ୍ୟ ମା' ମାନଙ୍କ ହାତ ତିଆରି ହସ୍ତତନ୍ତ, ହସ୍ତ ଶିଳ୍ପ, ଜୈବିକ ଉତ୍ପାଦ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ବୁଲି ଦେଖିବାର ସୁଯୋଗ ପାଉଛନ୍ତି । ବିଶେଷ କରି ଫୁଡ୍ କୋର୍ଟ ଦର୍ଶକମାନଙ୍କର ପ୍ରିୟ ସ୍ଥାନ ହୋଇ ରହିଛି, ଯେଉଁଠି ମିଲେଟ୍ ?-ଆଧାରିତ ଖାଦ୍ୟ ଏବଂ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନର ସ୍ୱାଦ ନେବାକୁ ଇଚ୍ଛୁକ ଦର୍ଶକମାନେ ଆକର୍ଷିତ ହେଉଛନ୍ତି। ଅଷ୍ଟମ ଦିନର ଏକ ବିଶେଷ ଝଲକ ଥିଲା ହସ୍ତତନ୍ତ ପ୍ରଦର୍ଶନୀ, ଯାହା ଓଡ଼ିଶାର ସମୃଦ୍ଧ ବସ୍ତ୍ର ପରମ୍ପରାକୁ ପରିବେଷଣ କରିଥିଲା। ସମ୍ବଲପୁରୀ, ଇକ୍କତ, ପାଟ ଶାଢ଼ୀ ଏବଂ ଟସର ରେଶମର ଚମତ୍କାର ପ୍ରଦର୍ଶନ ଷ୍ଟଲଗୁଡ଼ିକୁ ମଣ୍ଡିତ କରିଥିବା ବେଳେ, ସୂକ୍ଷ୍ମ କାରିଗରୀ ଗ୍ରାହକଙ୍କୁ ମୁଗ୍ଧ କରିଥିଲା, ଯାହା ଓଡ଼ିଶାର ଚିରନ୍ତନ ଶିଳ୍ପକଳା ପରିବର୍ତ୍ତନଶୀଳ ପ୍ରବୃତ୍ତି ସହିତ ବିକଶିତ ହେବା ଜାରି ରଖିବିକୁ ପ୍ରମାଣିତ କରିଥିଲା । ଓଡ଼ିଶା ବିଜେପିର ଉପସଭାପତି ଗୋଲକ ମହାପାତ୍ର ଅଷ୍ଟମ ଦିବସ ସନ୍ଧ୍ୟାରେ ମେଳା ପରିଦର୍ଶନ କରିବା ସହ ଏସଏଚଜି ଉଦ୍ୟୋଗୀ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରଚାର ପ୍ରସାରରେ ସେମାନଙ୍କ ପ୍ରୟାସର ପ୍ରଶଂସା କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ସନ୍ଧ୍ୟା ହେବା ସହିତ, ସାଂସ୍କୃତିକ ମଞ୍ଚ ରଣପା ନୃତ୍ୟର ଏକ ରୋମାଞ୍ଚକର ପରିବେଷଣ ସହିତ ଜୀବନ୍ତ ହୋଇ ଉଠିଥିଲା, ଯାହା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହା ପରେ ଦର୍ଶକ ସତ୍ୟଜିତ୍ ପ୍ରଧାନ, ଭାଗ୍ୟଶ୍ରୀ ଏବଂ ସେମାନଙ୍କ ଦଳଙ୍କ ଦ୍ୱାରା ପରିବେଷିତ ହୃଦୟସ୍ପର୍ଶୀ ସଙ୍ଗୀତର ମଜା ଉଠାଇଥିଲେ । ଏହି ଅବିସ୍ମରଣୀୟ ନଅ ଦିନିଆ ଯାତ୍ରାର ଭବ୍ୟ ସମାପ୍ତିରେ ମାତ୍ର ଗୋଟିଏ ଦିନ ବାକି ଥିବାବେଳେ, ସମୁଦାୟ ବିକ୍ରି ପରିମାଣ ୩ କୋଟି ଅତିକ୍ରମ କରିଛି ଏବଂ ଆଜି ପର୍ଯ୍ୟନ୍ତ ମୋଟ ଦର୍ଶକ ସଂଖ୍ୟା ୨.୫ ଲକ୍ଷ ଅତିକ୍ରମ କରିଛି, ଯାହା ସୁଭଦ୍ରା ଶକ୍ତି ମେଳାର ପ୍ରଥମ ସଂସ୍କରଣକୁ ବିଶେଷ ସଫଳତା ଦେଇଛି।

# ପୂରଣ ହେବ ୫୦୦୦ ଡାକ୍ତର ପଦବୀ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧/୩: ଆଗାମୀ ଦିନରେ ଆଉ ୫୦୦୦ ଡାକ୍ତର ପଦବୀ ପୂରଣ କରାଯିବ। ସେଥିପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଫୁଲବାଣୀ ଓ ଅନୁଗୁଳରେ ଦୁଇଟି ନୂତନ ମେଡିକାଲ କଲେଜ ପ୍ରତିଷ୍ଠା କରିବେ। ଯୁଦ୍ଧକାଳୀନ ଭିତ୍ତିରେ ଏନେଇ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ ମଧ୍ୟରେ ତାହା କାର୍ଯ୍ୟକ୍ଷମ ହେବ। ସେହିପରି ରାଜ୍ୟରେ ଆଉ ଚାରୋଟି ଡେଣ୍ଟାଲ୍ କଲେଜ ମଧ୍ୟ ଖୋଲାଯିବାର ପ୍ରସ୍ତାବ ରହିଛି। ଶୁକ୍ରବାର ପୁରୀ ଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, 'ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା' ଅଭିମୁଖେ ଯାତ୍ରା ପାଇଁ ଆମେ ପ୍ରତିବଦ୍ଧ। ପ୍ରତ୍ୟେକ ନାଗରିକ ଗୁଣାତ୍ମକ, ସମାନ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଗୁରୁତ୍ୱ ଦିଆଯାଇଛି। ସେଥିପାଇଁ ଅଧିକ ମେଡିକାଲ କଲେଜ ଖୋଲିବା ଉପରେ ସରକାର ଫୋକସ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଓ ଲୋକଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ଯଥେଷ୍ଟ ଅଗ୍ରଗତି କରୁଛି। ନୀତି ଆୟୋଗ ଏସ୍‌ଡିଜି ଇଣ୍ଡିଆ ଇଣ୍ଡେକ୍ସ ରିପୋର୍ଟ ୨୦୨୩-୨୪ରେ ଓଡ଼ିଶାକୁ ଭଲ ସ୍ୱାସ୍ଥ୍ୟ ଓ କଲ୍ୟାଣ ସହିତ ଜଡ଼ିତ ଏକ ଅଗ୍ରଣୀ ଧାବକ ଭାବରେ ତାଲିକାଭୁକ୍ତ କରାଯାଇଛି। ଓଡ଼ିଶା ବ୍ୟାପକ, ନିଶ୍ଚିତ ଏବଂ ଉଚ୍ଚମାନର ସ୍ୱାସ୍ଥ୍ୟସେବା ସେବା ମାଧ୍ୟମରେ ଏହାର ଲୋକଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବାକୁ ପ୍ରତିବଦ୍ଧ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମସ୍ତ ଯୋଗ୍ୟ ହିତାଧିକାରୀ ଦେଶବ୍ୟାପୀ ୨୯ ହଜାର ତାଲିକାଭୁକ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ୯୦୦ ହସ୍ପିଟାଲ ଜରିଆରେ ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଠାରୁ ୪୩୪୯ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇ ଆମେ ଗର୍ବିତ। ଏଥିଯୋଗୁଁ ଆମର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଉନ୍ନତି ହୋଇପାରିବ। ସେଥିପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ନିମନ୍ତେ ବଜେଟ୍‌ରେ ପ୍ରାୟ ୨୩ ହଜାର କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ପୂର୍ବ ତୁଳନାରେ ପ୍ରାୟ ୯.୧୩% ବୃଦ୍ଧି। ପ୍ରତିଷ୍ଠାନ ଗତ ପ୍ରସବରେ ମଧ୍ୟ ଯଥେଷ୍ଟ ବୃଦ୍ଧି ଘଟି ୯୨.୨% ହୋଇଛି। ପୂର୍ଣ୍ଣ ଟୀକାକରଣ କଭରେଜରେ ଅସାଧାରଣ ପ୍ରଦର୍ଶନ ହୋଇ ୯୦.୫ %ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୯ ଅକ୍ଟୋବର ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୦୦ ଶଯ୍ୟା ବିଶିଷ୍ଟ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜାତୀୟ ଔଷଧ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ଏବଂ ଅଖିଳ ଭାରତୀୟ ବାକ୍ ଏବଂ ଶ୍ରବଣ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି। ଗତ ୬ ମାସରେ ୩୮୨ଟି ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧାକୁ କାର୍ଯ୍ୟକ୍ଷମ କରାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ୭୩୫୮ଟି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପିଏଚ୍‌ସି ଓ ଉପକେନ୍ଦ୍ରକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବରେ ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଛି। ଆଗାମୀ ବର୍ଷର ବଜେଟରେ ୧୩୩୮ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଇଁ ଏକ ନୂତନ କୋଠା ନିର୍ମାଣ କରିବାକୁ ବ୍ୟବସ୍ଥା କରିଛୁ। ଆମର ସ୍ୱାସ୍ଥ୍ୟସେବା କର୍ମୀଙ୍କୁ ସୁଦୃଢ଼ କରିବା ପାଇଁ ଓଡ଼ିଶାରେ ୮ଟି ନୂତନ ସରକାରୀ ନର୍ସିଂ କଲେଜ ସ୍ଥାପନ କରୁଛି। ସମଗ୍ର ଓଡ଼ିଶାରେ ୩,୫୩୭ ଜଣ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ନିଯୁକ୍ତି ଦେଇଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି।

# ନିବିଡ଼ ହେବ ଶିକ୍ଷା ଓ ଦକ୍ଷତା ବିକାଶ ସମ୍ପର୍କ: ଧର୍ମେନ୍ଦ୍ର



ଭୁବନେଶ୍ୱର: ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ନିବିଡ଼ ଓ ମଜଭୁତ୍ କରିବା ଦିଗରେ ଶୁକ୍ରବାର ୟୁରୋପୀୟ ଆୟୋଗର ସାମାଜିକ ଅଧିକାର, ଦକ୍ଷତା, ଗୁଣାତ୍ମକ ଚାକିରି ଏବଂ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ୍ ଆଲୋଚନା ଅବସରରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷାଗତ, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କକୁ ଅଧିକ ନିବିଡ଼ କରିବା ସହିତ ସମ୍ଭାବ୍ୟ ଭାଗିଦାରୀ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ସ୍ଥାୟୀତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଭଳି ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗିଦାରୀ ସୃଷ୍ଟି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବା, ଛାତ୍ରଛାତ୍ରୀଙ୍କ ଦ୍ୱିପାକ୍ଷିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ଦୁଇ ନେତୃତ୍ୱ ବିଚାରବିମର୍ଶ କରିଥିଲେ। ଅନୁରୂପ ଭାବରେ ଅଧ୍ୟାପକ ବା ଶିକ୍ଷକ ବିନିମୟ, ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ଜଏଣ୍ଟ/ଡୁଆଲ ଡିଗ୍ରୀ ଏବଂ ଟୁଇନିଂ ପ୍ରୋଗ୍ରାମ ସହ ଭାରତରେ ଥିବା ପ୍ରମୁଖ ୟୁରୋପୀୟ ସଂଘ ବିଶ୍ୱବିଦ୍ୟାଳୟଗୁଡିକର ଅଫସୋର କ୍ୟାମ୍ପସର ସମ୍ଭାବନା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଶିକ୍ଷଣ ଏବଂ ଦକ୍ଷତା ବ୍ୟବଧାନକୁ ଦୂର କରିବା ସହିତ ଲର୍ଣ୍ଣିଂ ଏବଂ ସ୍କିଲିଂ ଇକୋସିଷ୍ଟମରେ ଉନ୍ନତି ଆଣିବା ପାଇଁ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ପାରସ୍ପରିକ ଶିକ୍ଷା ଓ ଦକ୍ଷତା ଏଜେଣ୍ଡାକୁ ଆଗକୁ ବଢ଼ାଇବା, ଜ୍ଞାନ ସେତୁକୁ ସୁଦୃଢ଼ କରିବା ଏବଂ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଗଭୀର ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ପାଇଁ ଏକ ଢାଞ୍ଚା ସୃଷ୍ଟି କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ। ଆଜିର ବୈଠକ ଭାରତ-ୟୁରୋପୀୟ ସଂଘର ଶିକ୍ଷା ଏବଂ ଦକ୍ଷତା ବିକାଶ ଭାଗିଦାରୀରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଜଳ ଯୋଗାଣ ବିଭାଗର ମନମାନି,ଅଭିଯୋଗକୁ ଖାତିର ନାହିଁ

### ୧୦ ଦିନ ହେଲା ପଞ୍ଚାୟତରେ ପାଣି ନାହିଁ । ଅଭିଯୋଗ ପରେ ଯନ୍ତ୍ରୀଙ୍କର ମଧ୍ୟ ଦେଖା ନାହିଁ



କେନ୍ଦ୍ରାପଡ଼ା(୧/୦୩)ଡେରାବିଶ ବ୍ଲକ ବସୁପୁରୁ ପଞ୍ଚାୟତରେ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବ୍ୟାପକ ଅନିୟମିତତା ଦୃଷ୍ଟି ଗୋଚର ହେବା ପରେ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲା । ଏବଂ ଏହି ସମସ୍ୟାକୁ ବିଭିନ୍ନ ସାମାଜିକ ଗଣ ମାଧ୍ୟମ ପ୍ଲାଟ ଫର୍ମ ସହିତ 'ଘଂ' ରେ ମଧ୍ୟ ଜିଲ୍ଲାପାଳ ଏବଂ ଜଳ ଯୋଗାଣ ବିଭାଗ କୁ ସୂଚିତ କରିବା ପରେ ମଧ୍ୟ ୨ ଦିନ ବିତି ଯାଇଥିଲେ ସୁଦ୍ଧା ଅଭିଯୋଗକୁ ଭ୍ରୂକ୍ଷେପ କରି ନାହାନ୍ତି ଉଭୟ ବ୍ଲକ୍ ର ଯନ୍ତ୍ରୀ ଏବଂ ବିଭାଗର ଉପରିସ୍ଥ ଅଧିକାରୀ । ଫଳରେ ପଞ୍ଚାୟତ ବାସି ଆଜି ସୁଦ୍ଧା ପାନୀୟ ଜଳରୁ ବଞ୍ଚିତ ଥିବା ଖବର ମିଳିଛି । ଏ ନେଇ ବିଭାଗର ଡେରାବିଶ ବ୍ଲକ ର ଯନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ ଆମେ ଜାଣିବାକୁ ପାଇଛୁ ଯେ ଯନ୍ତ୍ରୀ ଜଣକ ପଞ୍ଚାୟତ ରେ ସୁଚାରୁ ରୂପେ ଜଳ ଯୋଗାଣ କୁ ନେଇ ତତ୍ପର ନାହାନ୍ତି । ଅର୍ଥାତ୍ , ସିଧା ସିଧା କହିବାକୁ ଗଲେ ଯେଉଁ ଗଣ ମାଧ୍ୟମ ଯେତେ ଚିତ୍କାର କଲେ ବି ବାବୁଙ୍କୁ କିଛି ଫରକ୍ ପଡେନି। ବିସ୍ତୃତ ଆଲୋଚନାରେ ଏମିତି ବି ଜାଣିବାକୁ ମିଳିଛି ଯେ ଡେରାବିଶ ବ୍ଲକ୍ ର ଯନ୍ତ୍ରୀ ଜଣକ କୌଣସି ପରିସ୍ଥିତିରେ ମଧ୍ୟ ଘଟଣା ସ୍ଥଳକୁ ନ ଆସି କିଛି ଲୋକଙ୍କୁ ପଠାଇ 'ର' 'ଠ' ରେ କାର୍ଯ୍ୟ ସାରିଦେବାକୁ ତତ୍ପର ଅଛନ୍ତି ଯେତେବେଳେ କି ସେ ନିଜେ ଜାଣିଛନ୍ତି କରିଥିବା କାର୍ଯ୍ୟ କିଛି ଦିନ ପରେ ପୁଣି ପଞ୍ଚାୟତ ବାସୀଙ୍କ ସମସ୍ୟା ପାଲଟିବ । ଏମିତିକି ଡେରାବିଶ ବ୍ଲକ୍ ର ଜଳ ଯୋଗାଣ ଏବଂ ପରିମଳ ବିଭାଗର ଯନ୍ତ୍ରୀଙ୍କୁ ଆଗରୁ ବିଲ ବାଡିକୁ ଯାଇଥିବା ଅବୈଧ କନେକ୍ସନ ବିଷୟରେ ସୂଚନା ଥିଲେ ବି ନା ସେ କେବେ ଏହାକୁ ଅନୁଧ୍ୟାନ କରିଛନ୍ତି ନା କେବେ ଏହାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ଯେଉଁଥିପାଇଁ ପଂଚାୟତର ୫ ଗୋଟି ୱାର୍ଡ଼ ଯଥା ଆରିପଦା, ହାଟବାଣପୁର-୧ , ହାଟବାଣପୁର-୨ , ଅଟବୁହା, ଭାଣ୍ଡିଲୋ ର ୪ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ବୁନ୍ଦେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ଖବର ନେବାରୁ ଜଣା ପଡ଼ିଛି କି , ଆରୀପଦା ଠାରେ ନିର୍ମିତ ପାଣି ଟାଙ୍କି ଠାରୁ ଯାଇଥିବା ପାଇପ୍ ଲାଇନ ରୁ ଅନେକ ଲୋକ ନିଜ ଚାଷ ଜମିକୁ ପାଣି ନେଇଛନ୍ତି ଏବଂ ରୋଚକର ବିଷୟ ଯେ ଏହି କନେକ୍ସନ ସବୁ ୧୦୦-୨୦୦ ଟଙ୍କାରେ ନିଜେ ବିଭାଗର ପାଣି ସପ୍ଲାଏ ଦାୟିତ୍ୱରେ ଥିବା କର୍ମଚାରୀ ହିଁ ଯୋଗାଇ ଦେଇଛନ୍ତି , ଯାହା ଡେରାବିଶ ବ୍ଲକ୍ ର ଯନ୍ତ୍ରୀଙ୍କ ଇଙ୍ଗିତରେ ହୋଇଥାଇ ପାରେ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏ ନେଇ କାର୍ଯ୍ୟରତ ଜଣେ ପମ୍ପ ଡ୍ରାଇଭରଙ୍କୁ ପଚାରିବାରୁ ଜଣା ପଡ଼ିଛି ଯେ ଡ୍ରାଇଭର ଜଣଙ୍କୁ ଗତ ୨ ବର୍ଷରୁ ନିଜ ଦରମା ମିଳିନାହିଁ ।

**Affidavit**

By Virtue of as affidavit it sworn before Executive Magistrate Bhubaneswar, dt. 24.02.25, I, Ayasmi Nayak, W/o- Ramesh Singh, resident of At/Po/Ps- Baminigaon, Dist- Kandhamal, Odisha declared that my minor son Danielraj Singh (Old name) his correct name is Daniel Singh ( new name ) that he may after be called , known, and distinguished not by his former name of Danielraj Singh (Old name ) but by his assumed name of Daniel Singh ( new name ).

**Ayasmi Nayak**
Mother of minor son
Daniel Singh

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ